ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.128 Bhubaneswar Saturday, July 03, 2021 | ୨୪ତମ ବର୍ଷ ସଂଖ୍ୟା–୧୨୮ ଭୁବନେଶ୍ୱର, ଶନିବାର, ଜୁଲାଇ ୦୩, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS



ଉପରାଷ୍ଟ୍ରପତି ଏମ. ଭେଙ୍କୟା ନାଇଡୁ ହାଇଦ୍ରାବାଦରେ ସିସିଏମବି-ଲକୋନିଜ ପରିଦର୍ଶନ କରିବା ପରେ ପରିଦର୍ଶକଙ୍କ ପୁସ୍ତକରେ ଦସ୍ତଖତ କରୁଛନ୍ତି

## ଭୁବନେଶ୍ୱରରେ ୧୦୦ ଟପିଲା ପେଟ୍ରୋଲ

ଭୁବନେଶ୍ୱର, ୨।୭(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ ଟଙ୍କା ଅତିକ୍ରମ କରିଛି। ଏହା ପୂର୍ବରୁ ରାଜ୍ୟର ମାଲକାନଗିରି ଜିଲ୍ଲାରେ ପେଟ୍ରୋଲ ଦର ୧୦୦ ଟଙ୍କା ଅତିକ୍ରମ କରିଥିଲା।ଶୁକ୍ରବାର ଭୁବନେଶ୍ୱରର ବିଭିନ୍ନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ୧ ପଇସା ରହିଛି। ସେହିପରି ଡିଜେଲ ଦର ଲିଟର ପିଛା ୯୭.୨୫ ପଇସା ରହିଛି। କଟକ ଓ ସମ୍ବଲପୁରରେ ମଧ ପେଟ୍ରୋଲ ଦର ୧୦୦ ଟଙ୍କା ଅତିକ୍ରମ କରିଛି। କଟକରେ ଆଜି ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ୨୭ ପଇସା ରହିଛି। ମାଲକାନଗିରିରେ ପୂର୍ବରୁ ପେଟ୍ରୋଲ ଦର ଶହେ ପାର୍ କରିଥିଲା ବେଳେ ଆଜି ସେଠାରେ ଏହାର ଦର ଲିଟର ପିଛା ୧୦୫ ଟଙ୍କା ୨ ପଇସା ରହିଛି। ସେହିପରି ଡିଜେଲ ଦାମ୍ ଲିଟର ପିଛା ୧୦୨ ଟଙ୍କା ୧୦ ପଇସା ରହିଛି। ପେଟ୍ରୋଲ ଦର ବୃଦ୍ଧି ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

# ଗୋଟିଏ ଦିନରେ ୩୨୨୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୨୨୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୧୬୧୦୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୮୦୯୯୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୧୬୧୦୯ ରହିଛି । ଆଜି ଚିହ୍ନଟ ହୋଇଥିବା ୩୨୨୨ ଜଣଙ୍କ ମଧ୍ୟରୁ ୧୮୩୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୮୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୬୧୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୦୮ ଜଣ, ବରଗଡ଼ରୁ ୨୪ ଜଣ, ଭଦ୍ରକରୁ ୧୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୬, କଟକରୁ ୬୧୯ ଜଣ, ଦେବଗଡ ଜିଲ୍ଲାରୁ ୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୧ଜଣ, ଗଜପତି ଜିଲ୍ଲାରୁ ୯ , ଗଞ୍ଜାମରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୧୨ ଜଣ, ଯାଜପୁରରୁ ୧୯୦ ଜଣ, ଝାରସୁଗୁଡ଼ାରୁ ୦୯ ଜଣ, କଳାହାଣ୍ଡିରୁ ୨୫ ଜଣ, କନ୍ଧମାଳ ଜିଲ୍ଲାରୁ ୨୫ ଜଣ. କେନ୍ଦ୍ରାପଡ଼ାରୁ ୧୭୯ ଜଣ, କେନ୍ଦୁଝରରୁ ୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୨୨ ଜଣ, କୋରାପୁଟରୁ ୫୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୯୫ ଜଣ, ନବରଙ୍ଗପୁରରୁ ୨୩ ଜଣ, ନୟାଗଡ଼ରୁ ୧୧୪ ଜଣ, ନୂଆପଡ଼ାରୁ ୧୬ ଜଣ, ପୁରୀରୁ ୧୮୮ ଜଣ, ରାୟଗଡ଼ାରୁ ୬୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୧ ଜଣ, ସୋନପୁରରୁ ୧୨ ଜଣ, ସୁନ୍ଦରଗଡ଼ରୁ ୬୬ ଜଣ ଓ ଷ୍ଟେଟ୍ ପୁଲରୁ ୬୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୧୫ତମ ପ୍ରତିଷ୍ଠା ଉତ୍ସବ : ସ୍ୱପ୍ନ ଦେଖିବା ସହଜ ମାତ୍ର କାର୍ଯ୍ୟକାରୀ କରିବା କଷ୍ଟସାଧ: ସୁବ୍ରତ ବାଗ୍‌ଚୀ




ଭୁବନେଶ୍ୱର, ୨।୭(ପି.ଏନ): ସ୍ୱପ୍ନ ଦେଖିବା ସହଜ ମାତ୍ର ଏହାକୁ କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଷ୍ଟକର ବୋଲି ଓଡ଼ିଶା ସ୍କିଲ୍ ଡେଭେଲପମେଣ୍ଟ ଅଥରିଟିର ଅଧକ୍ଷ ସୁବ୍ରତ୍ ବାଗ୍‌ଚୀ କହିଛନ୍ତି । ଶୁକ୍ରବାର ଭର୍ଚୁଆଲ୍‌ରେ ଅନୁଷ୍ଠିତ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୧୫ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବାଗ୍‌ଚୀ କହିଲେ, କେବଳ ସ୍ୱପ୍ନ ଦେଖିଦେଲେ ହେବ ନାହିଁ, ଏହାକୁ କାର୍ଯକାରୀ କରାଇବା ଦିଗରେ ସଚେଷ୍ଟ ରହିବା ଉଚିତ । ସ୍ୱପ୍ନ ଦେଖିବା ସହଜ କିନ୍ତୁ ଏହାକୁ ଜୀବନର ଚଲାପଥରେ କାର୍ଯ୍ୟକାରୀ କରାଇବା କଷ୍ଟକର । ପ୍ରତିଷ୍ଠା ଦିବସର ଯଥାର୍ଥତା ଉପରେ ଶ୍ରୀ ବାଗ୍‌ଚୀ କହିଲେ, କୌଣସି ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ମୂଳଦୁଆ ଉପରେ ସେମାନଙ୍କ ବିକାଶ ନିର୍ଭର କରେ । ମୂଳଦୁଆରୁ ସଫଳତାର ଶୀର୍ଷ ଛୁଇଁବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯେଉଁ କଠିନ ପଥ ଦେଇ ଅତିକ୍ରମ କରିଆସିଛନ୍ତି ଶ୍ରୀ ବାଗ୍‌ଚୀ ତାର ଆବତାରଣା କରିଥିଲେ । ଶ୍ରୀ ସାମନ୍ତ ବ୍ୟକ୍ତିଗତ ସ୍ୱାର୍ଥ କଥା ନ ଭାବି ସର୍ବଦା ସାମୁହିକ ସ୍ୱାର୍ଥ ବିଷୟରେ ଚିନ୍ତା କରିଆସିଛନ୍ତି ବୋଲି ତାଙ୍କୁ ସଫଳତା ମିଳିପାରିଛି ବୋଲି ଛାତ୍ରଛାତ୍ରୀଙ୍କୁ ଶ୍ରୀ ବାଗ୍‌ଚୀ କହିଥିଲେ । ନିଜ ବ୍ୟକ୍ତବ୍ୟରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ କହିଲେ, କରୋନା ସମୟରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏହାର ଛାତ୍ରଛାତ୍ରୀଙ୍କୁ ଯଥେଷ୍ଟ ଗୁରୁତ୍ୱ ଦେଇ ଆସିଛି । କରୋନା ଯୋଗୁଁ ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଥିବା ବେଳେ ଶିକ୍ଷା କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଏବେ ଛାତ୍ରଛାତ୍ରୀମାନେ ନିଜନିଜ ଘରେ ରହୁଥିବାରୁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଶିକ୍ଷକମାନେ ତାଲାବନ୍ଦ ଆରମ୍ଭରୁ ନିୟମିତ ଡିଜିଟାଲ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗରେ ରହି ଆସିଛନ୍ତି । ଏଭଳି ସମୟରେ ଛାତ୍ରଛାତ୍ରୀମାନେ ନିଜର ଧୈର୍ଯ୍ୟ ରଖିବା ସହ ପିତାମାତା ଓ ଶିକ୍ଷକଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ କଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର ସଭାପତି ଶାଶ୍ୱତୀ ବଳ ଉପସ୍ଥିତ ଥିବା ବେଳେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ବ୍ରାଣ୍ଡ ଆମ୍ବାସାଡ଼ାର ରସ୍‌କିନ୍ ବଣ୍ଡ, ଶ୍ରୀମତୀ ମେରୀ ବରୁଆ ଓ ଇଣ୍ଟରନ୍ୟାସ୍‌ନାଲ୍ ପାଠ୍ୟକ୍ରମ ମୁଖ୍ୟ ତଥା ଆଇବିଡିପି ସଂଯୋଜକ ଡ. ଅରୁଣାନନ୍ଦ ମୁଖାର୍ଜୀ ଭର୍ଚୁଆଲରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ବାର୍ତ୍ତା ରଖିଥିଲେ । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧକ୍ଷ ଡ. ସଞ୍ଜୟ ସୁଆର ବିବରଣୀ ପାଠ କରିଥିଲେ । ଶେଷରେ ନନ୍ଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଆଇବି ପାଠ୍ୟକ୍ରମର ସ୍ୱତନ୍ତ୍ର ନୂତନ କୋଠାର ଭୂମି ପୂଜନ କରାଯାଇଥିଲା ।

## ଓଡିଶା ଆସିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୨।୭(ପି.ଏନ): କୋଭିଡ୍ ସ୍ଥିତି ନିୟନ୍ତ୍ରଣ ପାଇଁ ଓଡିଶା ଆସିବ କେନ୍ଦ୍ରୀୟ ଟିମ୍ । ଓଡିଶା ସମେତ ସଂକ୍ରମଣ ହାର ଅଧିକ ଥିବା ୬ ରାଜ୍ୟକୁ କେନ୍ଦ୍ରୀୟ ଟିମ୍ ଯିବ। ଏହି ରାଜ୍ୟ ଗୁଡିକ ହେଲା ଓଡିଶା, କେରଳ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ଛତିଶଗଡ଼ ଓ ମଣିପୁର। କେନ୍ଦ୍ରୀୟ ଟିମ୍ କୋଭିଡ୍ ନିୟନ୍ତ୍ରଣ ଓ କଂଟେନମେଂଟ ଜୋନ୍ ଅନୁଧ୍ୟାନ କରିବେ। ଡକ୍ଟର ରୁଚି ଜୈନ୍, ଡକ୍ଟର ଏ. ଡନଙ୍କ ଟିମ୍ ଓଡ଼ିଶା ଆସୁଛି । ପ୍ରତି ରାଜ୍ୟକୁ ଉଚ୍ଚସ୍ତରୀୟ ୨ ଜଣିଆ ଟିମ୍ ଯାଉଛନ୍ତି । କରୋନା ସଂକ୍ରମଣ ରୋକିବା ପାଇଁ ବିଶେଷକରି ଟେଷ୍ଟିଂ, ସର୍ଭେଲାନ୍ସକୁଗୁରୁତ୍ୱ ଦିଆଯାଉଛି । ଲୋକେ କୋଭିଡ୍ କଟକଣା ମାନିବା, ହସ୍ପିଟାଲରେ ବେଡ୍, ଭେଂଟିଲେଟର ଆଦିର ସୁବିଧା କେନ୍ଦ୍ରୀୟ ଟିମ୍ ମନିଟର କରିବ ବୋଲି ଜଣାପଡ଼ିଛି। ଉଲ୍ଲେଖ୍ୟଯୋଗ୍ୟ ଯେ ରାଜ୍ୟରେ ଦୈନିକ କୋଭିଡ୍ ସଂକ୍ରମଣ ୩ ହଜାର ଉପରେ ରହୁଛି। ଗତ ୨୪ ଘଂଟାରେ ରାଜ୍ୟରେ ୩ ହଜାର ୨୨୨ ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ୭୦% ସିଲାବସ୍ ମଧରେ ହେବ ମାଟ୍ରିକ ପରୀକ୍ଷା- ସମୀର ରଂଜନ ଦାଶ

ଭୁବନେଶ୍ୱର,୨।୭(ପି.ଏନ):ମାଟ୍ରିକ ପରୀକ୍ଷା ମାର୍କିଂରେ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅଫ୍‌ଲାଇନ୍‌ରେ ପରୀକ୍ଷା ୭୦ ପ୍ରତିଶତ ସିଲାବସ ମଧ୍ୟରେ ହେବ । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଆଜି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏଥିପାଇଁ ଆସନ୍ତା ୫ ତାରିଖରୁ ଫର୍ମ ଫିଲପ୍ ପ୍ରକ୍ରିୟା ଆରମ୍ଭ ହେବ। ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ଫର୍ମ ଫିଲପ୍ ଚାଲିବ। ଜୁଲାଇ ୩୦ରୁ ଅଗଷ୍ଟ ୫ ଯାଏ ପରୀକ୍ଷା ହେବ । କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ମନ୍ତ୍ରୀ ସମୀର ଦାଶ କହିଛନ୍ତି, ୩୦% ସିଲାବସ୍ ହ୍ରାସ ହୋଇଥିବାରୁ ୭୦% ମଧରେ ପରୀକ୍ଷା ହେବ। ଆଉ ପରୀକ୍ଷାର ୧୫ ଦିନ ମଧରେ ରେଜଲ୍ଟ ପ୍ରକାଶ ପାଇଁ ଚେଷ୍ଟା କରାଯିବ। ତେଣୁ ପରୀକ୍ଷା ଫଳାଫଳକୁ ନେଇ ଯେଉଁମାନଙ୍କର ଆଶଙ୍କା ରହିଛି, ସେମାନେ ଫର୍ମ ଫିଲପ୍ କରନ୍ତୁ।ଉଲ୍ଲେଖନୀୟ ଯେ ଚଳିତ ଥର ମାଟ୍ରିକ ପରୀକ୍ଷାରେ ୯୭.୮୯% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ମୋଟ୍ ୫ ଲକ୍ଷ ୭୪ ହଜାର ୧୨୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫ଲକ୍ଷ ୬୨ ହଜାର ୧୦ ଜଣ ଛାତ୍ରଛାତ୍ରୀ ପାସ୍ କରିଥିଲେ।

## ରଥଖଳା ହାଲଚାଲ୍ : ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ

ପୁରୀ, ୨।୭(ପି.ଏନ): ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ରଥର କଳସ କାମ ଶେଷ ହୋଇଥିବା ବେଳେ ଏହା ରଥର ଖପୁରି ଉପରେ ସଂଯୋଗ କରାଯିବ । ଓଲଟ ଶୁଆ ମଧ ଖଞ୍ଜାଯିବ । ରଥର ସିଂହାସନ, ପ୍ରଭା ଓ ବେଦି କାର୍ଯ୍ୟ ୯୦ ପ୍ରତିଶତ ଶେଷ ହୋଇଛି । ରୂପକାର ସେବକ ମାନେ କୋଣଗୁଜ, ନାଟପଟା, ରଷିପଟାରେ ରଙ୍ଗ ଦେବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ରଥର ପାର୍ଶ୍ୱ ଦେବାଦେବୀଙ୍କ ରଙ୍ଗ କାର୍ଯ୍ୟ ଆଗେଇ ଚାଲିଛି । ଦୋଳବେଦି ପରିସର ସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ବିଭିନ୍ନ ସାଇଜ୍ ର କଂଟା ନିର୍ମାଣ କରୁଛନ୍ତି । ଏଥିସହ ଚକ ଓ ବିଭିନ୍ନ ଅଂଶରେ ଫାଟ ଦେଖାଦେଲେ ସେଥିପାଇଁ ଯୋକିଆ କଂଟା ନିର୍ମାଣ କରି ରଖାଯାଇଛି । ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ମହଲାରେ ଦରଜି ସେବକ ମାନେ ରଥ କନା ସିଲେଇ କାର୍ଯ୍ୟ ଜାରୀ ରଖିଛନ୍ତି । ତିନି ରଥରେ ଲାଗି ହେଉଥିବା ୧୨ଟି ଘୋଡ଼ାକୁ ରଙ୍ଗ କରାଯାଇ ଏଥି ନିମନ୍ତେ ଥିବା ସ୍ୱତନ୍ତ୍ର ଷ୍ଟାଣ୍ଡରେ ରଖାଯାଇଛି । ତିନି ରଥର ସାରଥୀ ରଙ୍ଗ ହୋଇ ଦୋଳବେଦି ପରିସରରେ ଥିବା ସାରଥି ଗୃହରେ ରଖାଯାଇଛି । ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଦକ୍ଷିଣ ମୋଡ଼ ହୋଇ ସିଂହଦ୍ୱାରରେ ଲାଗିବ ।

## ରାଜ୍ୟରେ ପହଂଚିଲା ୯ ଲକ୍ଷ ୪୩ ହଜାର କୋଭିସିଲ୍ଡ ଟିକା

ଭୁବନେଶ୍ୱର, ୨।୭(ପି.ଏନ): ରାଜ୍ୟରେ ପହଂଚିଛି ୯ ଲକ୍ଷ ୪୩ ହଜାର ୯୩୦ କୋଭିସିଲ୍ଡ ଟିକା। ଭୁବନେଶ୍ୱର ବିମାନ ବନ୍ଦରରେ ଏହି କୋଭିସିଲ୍ଡ ଟିକା ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟିକା ଆସିବା ପରେ ରାଜ୍ୟରେ ଟିକାକରଣ ସ୍ୱାଭାବିକ ହେବ। ଟିକା ଅଭାବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଟିକାଦାନ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା। ଗତକାଲି ଆଉ ୧ ଲକ୍ଷ କୋଭିସିଲ୍ଡ ଟିକା ପହଂଚିଥିଲା।

# କେନ୍ଦୁଝର ଜିଲ୍ଲାରେ ଆଇ.ସି.ଡି.ଏସ୍. ଅନ୍ତର୍ଗତ ପ୍ରାକ୍ ବିଦ୍ୟାଳୟ ପିଲାଙ୍କ ସକାଳ ଜଳଖିଆରେ ସାମିଲ ହେଲା ମାଣ୍ଡିଆ ଲଡୁ

କେନ୍ଦୁଝର, ୨।୭(ପି.ଏନ): ଡି.ଏମ୍.ଏଫ୍. ସହଯୋଗରେ କେନ୍ଦୁଝର ଜିଲ୍ଲାରେ ଆଇ.ସି.ଡି.ଏସ୍. ଅନ୍ତର୍ଗତ ପ୍ରାକ୍ ବିଦ୍ୟାଳୟ (୩ରୁ ୬ ବର୍ଷ ବୟସ୍କ) ଶିଶୁମାନଙ୍କ ସକାଳ ଜଳଖିଆରେ ମାଣ୍ଡିଆ ଲଡୁ ସାମିଲ୍ ହୋଇଛି । ଚଳିତ ଜୁଲାଇ ଦୁଇ ତାରିଖ ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଆଶିଷ ଠାକରେ ଏହି କର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ଏହାଦ୍ୱାରା ବହୁମୁଖୀ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ସେମାନଙ୍କ ଖାଦ୍ୟ ମେନୁ ସହିତ ସପ୍ତାହରେ ଅତିରିକ୍ତ ଦୁଇଟି ମାଣ୍ଡିଆ ଲଡୁ ଦିଆଯିବ । ଶିଶୁମାନଙ୍କର ପୁଷ୍ଟିର ଅଭିବୃଦ୍ଧି ସହିତ କେନ୍ଦୁଝର ଜିଲ୍ଲାର ଜନଜାତିମାନଙ୍କର ପାରମ୍ପରିକ ଖାଦ୍ୟ ପରମ୍ପରାର ପୁନଃପ୍ରବର୍ତ୍ତନ କରିବା, ମାଣ୍ଡିଅ ଚାଷ ଦ୍ୱାରା ଚାଷୀମାନେ ଉଚିତ୍ ମୂଲ୍ୟ ପାଇ ଲାଭବାନ୍ ହେବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଅତିରିକ୍ତ ଆୟ ଉତ୍ସ ବୃଦ୍ଧି କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଯେହେତୁ ଚାଉଳ/ଭାତ ତୁଳନାରେ ମାଣ୍ଡିଆରେ ଅଧିକ କ୍ୟାଲ୍‌ସିୟମ୍, ଲୌହସାର, ଫାଇବର, ମିନେରାଲସ୍ ଏବଂ ଆଂଟିଅକ୍ସିଡାଂଟ୍‌ସ୍ ବହୁ ପରିମାଣରେ ରହିଛି, ଏହା ଶିଶୁମାନଙ୍କର ପୁଷ୍ଟିସାଧନରେ ଉଲ୍ଲେଖନୀୟ କାର୍ଯ୍ୟ କରିବ । ମାଣ୍ଡିଆ ଲଡୁ ପ୍ରସ୍ତୁତ କରାଯାଇ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ବୁଧବାର ଓ ଶନିବାର ଦିନ ଶିଶୁମାନଙ୍କୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଖାଦ୍ୟ ସହିତ ଖାଇବାକୁ ଦିଆଯିବ । ବର୍ତ୍ତମାନ କୋଭିଡ୍ ପରିସ୍ଥିତିରେ ଅଙ୍ଗନୱାଡି କେନ୍ଦ୍ର ଖୋଲାହେବା ପର୍ଯ୍ୟନ୍ତ ପ୍ରାକ୍ ରନ୍ଧା ଖାଦ୍ୟ, ରାଗି/ମାଣ୍ଡିଆ ଲଡୁ ମିକ୍ସ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ଘରେ ଯୋଗାଇ ଦିଆଯିବ । ଘରେ ମାଆମାନେ ଲଡୁ ପ୍ରସ୍ତୁତ କରି ଶିଶୁଙ୍କୁ ଖାଇବା ପାଇଁ ଦେବେ । ଅଙ୍ଗନୱାଡି କେନ୍ଦ୍ର ଖୋଲା ହେଲେ ସେଠାରେ ଶିଶୁମାନଙ୍କୁ ଏହା ଖାଇବା ପାଇଁ ଦିଆଯିବ । ବିଭିନ୍ନ ଉଦ୍ୟୋଗ ପରିଚାଳନା କ୍ଷେତ୍ରରେ ଅଭିଜ୍ଞ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଣ୍ଡିଆ ଲଡୁ ମିକ୍ସ ପ୍ରସ୍ତୁତ କରିବେ । ଉତମମାନର ଏବଂ ସ୍ୱାସ୍ଥ୍ୟକର ମାଣ୍ଡିଆ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରାଂଶ ସହ ମାଣ୍ଡିଆ ପ୍ରକ୍ରିୟାକରଣର ୟୁନିଟ୍ ସ୍ୱୟଂ ସହାୟକ ଗୋଷ୍ଠୀସ୍ତରରେ ପ୍ରତିଷ୍ଠା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ୨ ଜୁଲାଇ ୨୦୨୦ରୁ ସଦର ବ୍ଲକ୍‌ର ୩୩୫ଟି ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଯାଇଥିବା ଶିଶୁମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି । ପରେ ପରେ ଜିଲ୍ଲାର ୩୨୫୭ଟି ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିଶୁଙ୍କୁ ୧ ସେପ୍ଟେମ୍ବର ୨୦୨୦ ରୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କହିଥିଲେ । ଡି.ଏମ୍.ଏଫ୍ (ଜିଲ୍ଲା ଖଣିଜ ପ୍ରତିଷ୍ଠାନ) ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର ଜନଜାତି ତଥା ଖଣି ଅଂଚଳରେ ମାଣ୍ଡିଆ ଚାଷର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଏହା ଅଂଶବିଶେଷ । ଏହି କାର୍ଯ୍ୟକ୍ରମରେ ଓଡିଶା ମିଲେଟ୍ ମିଶନ, କୃଷି ଓ କୃଷକ ସଶକ୍ତିକରଣ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସହଭାଗିତା ଏବଂ ଏନ୍.ସି.ଡି.ଏସ୍., ୱାସନ୍ ଓ ସି.ଏସ୍.ଆଇ.ଆର୍. – ସି.ଏଫ୍.ଟି.ଆର୍. ଆଇ ଙ୍କ ବୈଷୟିକ ସହଯୋଗ ରହିଛି । ଜିଲ୍ଲାରେ ମାଣ୍ଡିଆ ଉତ୍ପାଦନ ବୃଦ୍ଧି, ବ୍ୟବହାର, ପ୍ରକ୍ରିୟାକରଣ ଏବଂ ବିପଣନର ଅଭିବୃଦ୍ଧି କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ଡି.ଏମ୍.ଏଫ୍. ତରଫରୁ ବାର୍ଷିକ ୧.୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ପ୍ରକାଶ କରିଥିଲେ । ଆଇ.ସି.ଡି.ଏସ୍. କାର୍ଯ୍ୟକ୍ରମରେ ମାଣ୍ଡିଆକୁ ଅନ୍ତର୍ଭୁକ୍ତ କରିବା କ୍ଷେତ୍ରରେ ଏହା ଐତିହାସିକ ପଦକ୍ଷେପ ଏବଂ ଏ ଦିଗରେ କେନ୍ଦୁଝର ଜିଲ୍ଲା ରାଜ୍ୟରେ ପ୍ରଥମ । ମାଣ୍ଡିଆର ବିକେନ୍ଦ୍ରୀକରଣ ଉତ୍ପାଦନ, ସଂଗ୍ରହ, ପ୍ରକ୍ରିୟାକରଣ, ଯୋଗାଣ ଏବଂ ବ୍ୟବହାର କ୍ଷେତ୍ରରେ ସମଗ୍ର ଦେଶରେ ଏହା ଏକ ଅନନ୍ୟ ପଦକ୍ଷେପ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ପୂର୍ବେ ବଣମୂଳକରେ ଥିବା ଅଂଚଳରେ ଖାଦ୍ୟାଭାବ ସମୟରେ ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟ ବଂଚିବାର ରାହା ଯୋଗାଉଥିଲା । ଏହା ଅତ୍ୟନ୍ତ ପୁଷ୍ଟିକର ଏବଂ ଏଥିରେ ଔଷଧୀୟ ଗୁଣ ରହିଛି । ଜିଲ୍ଲାରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଯୋଗାଇବା ଏକ ଉଲ୍ଲେଖନୀୟ ପଦକ୍ଷେପ । ଜିଲ୍ଲାରେ ମାଣ୍ଡିଆ ଚାଷର ଉନ୍ନତି କରାଗଲେ ଆର୍ଥିକ ବିକାଶ ଦିଗରେ ଏହା ସହାୟକ ହେବ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜିବ ବାରିକ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସତ୍ୟ ପ୍ରିୟଦର୍ଶିନୀ ସାହୁ ଏ ସଂପର୍କରେ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଡି.ଏମ୍.ଏଫ୍‌ର ସିନିୟର ପ୍ରୋଜେକ୍ଟ ଅଫିସର ଶିଶିର ସାହୁ ପାୱାରପଏଂଟ୍ ପ୍ରେଜେନ୍‌ଟେସନ ମାଧ୍ୟମରେ କାର୍ଯ୍ୟକ୍ରମ ସଂପର୍କିତ ବିବରଣୀ ଉପସ୍ଥାପନ କରିଥିଲେ । ଓଡିଶା ମିଲେଟ୍ ମିଶନର ରାଜ୍ୟ ସଂଯୋଜିକା ଅସୀମା ଚୌଧୁରୀ ଓଡିଶା ମିଲେଟ୍ ମିଶନର କାର୍ଯ୍ୟକ୍ରମ ସଂପର୍କରେ ଅବତାରଣା କରିବା ସହ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଡି.ଏମ୍.ଏଫ୍‌ର ଟିମ୍ ଲିଡର ଶ୍ରୀ ପ୍ରସନ୍ନା କ୍ରୀଷ୍ଣନ୍‌ଙ୍କ ନେତୃତ୍ୱରେ କମ୍ୟୁନିକେସନ୍ ଅଫିସର ସୁମନ୍ତ କୁମାର ମୁଦୁଲି ଏବଂ ଡି.ଏମ୍.ଏଫ୍‌ର କର୍ମକର୍ତା କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । କୋଭିଡ୍ ଗାଇନ୍ ଲାଇନ୍ ଅନୁପାଳନ ଅନୁଯାୟୀ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହାପରେ ଜିଲ୍ଲାପାଳ, ପିଡି ଡିଆରଡିଏ, ଷ୍ଟେଟ୍ ମିଲେଟ୍ ମିଶନ ଟିମ ଏବଂ ଡି.ଏମ୍.ଏଫ୍.ର କର୍ମକର୍ତା ସଦର ବ୍ଲକ୍ ଅର୍ନ୍ତଗତ ଭାଟୁଣିଆ ଗ୍ରାମ ଯାଇ ମାଣ୍ଡିଆ ଚାଷୀମାନଙ୍କ ସହିତ ବାର୍ତାଳାପ କରିଥିଲେ ଏବଂ ସେଠାରେ ପ୍ରାକ୍ ବିଦ୍ୟାଳୟର ଶିଶୁମାନଙ୍କୁ ମାଣ୍ଡିଆ ଲଡୁ ବଂଟନ କରିଥିଲେ ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା’ପତି ବଦଳରେ କୀଟନାଶକ, ୨ ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତୃ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଜୁଲାଇ ୦୩**

# ଟିକାରେ ଟିକା : ତୋତେ ଝୁରନ୍ତି ନେତା, ଝୁରେ ଜନତା

ନୂଆ ଟିକା ନୀତି ଆଧାରରେ ଜୁନ୍ ୨୧ରୁ ମହା ଟିକାକରଣ ଅଭିଯାନ ସାରା ଦେଶରେ ଆରମ୍ଭ ହୋଇଯାଇଛି । ଦିନକୁ ୧ କୋଟି ଲୋକଙ୍କୁ ମାଗଣା ଟିକାଦାନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଅନେକ ପ୍ରୟାସ କରିବାକୁ ହେବ । ମହା ଟିକାଦାନ ଅଭିଯାନରେ ପ୍ରଥମ ଦିନରେ ଦେଶରେ ୮୨ ଲକ୍ଷ ଟିକାଦାନ ହୋଇଥିବା ଜଣାପଡିଛି । ଏହା ଧାର୍ଯ୍ୟ ଲକ୍ଷ୍ୟର ନିକଟତର । ଏହା ପୂର୍ବରୁ ଦେଶରେ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଟିକାଦାନ ଅଭିଯାନର ଚାରିଟି ପର୍ଯ୍ୟାୟରେ ୨୬ କୋଟି ଲୋକଙ୍କୁ ଟିକା ଦିଆଯାଇଥିଲା । ଦେଶର ୭୦ପ୍ରତିଶତ ବା ୧୦୦ କୋଟି ଲୋକଙ୍କୁ ଟିକା ଦେବାକୁ ହେଲେ ଦୁଇ ପାନକୁ ୨୦୦ ଦିନ ବା ଛଅ ମାସ ଲାଗିବ । କିନ୍ତୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ନ ହେଲେ ଏହା ଆହୁରି ବିଳମ୍ବ ହେବ । ପ୍ରାୟ ଏକ ବର୍ଷ ହୋଇଯାଇ ପାରେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ୭୪ କୋଟି ଟିକା ପାଇଁ ବରାଦ ଦିଆଯାଇଛି । ପୂର୍ବରୁ ୩୦ କୋଟି ଟିକା ପାଇଁ ବରାଦ ଦିଆଯାଇଥିଲା । ଜୁଲାଇ ମାସ ସୁଧା ୫୩.୬ କୋଟି ଟିକା ମିଳିପାରିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ମିଳିଛି । ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ଯେ ମହାଟିକାଦାନ ଅଭିଯାନରେ ବି ପାତର ଅନ୍ତର ହୋଇଛି । ବିଜେପି ଶାସିତ ରାଜ୍ୟକୁ ଅଧିକ ଟିକା ଦିଆଯାଇ ଥିଲାବେଳେ ଅଣ ବିଜେପି ବା କଂଗ୍ରେସ ଶାସିତ ରାଜ୍ୟକୁ କମ୍ ଟିକା ମିଳିଥିବା ଅଭିଯୋଗ ହୋଇଛି । ଏହା ସତ୍ୟ ଯେ ରାଜସ୍ଥାନ ପାଖାରେ ୨.୫୧ ଲକ୍ଷ ଟିକା ରହିଛି । କିନ୍ତୁ ମଧ୍ୟପ୍ରଦେଶ ପାଖରେ ୧୦ ଲକ୍ଷ, ଗୁଜୁରାଟ ପାଖରେ ୧୧.୫୬ ଲକ୍ଷ, ବିହାର ପାଖରେ ୫ ଲକ୍ଷ ଟିକା ରହିଛି । ଅନ୍ୟ ରାଜ୍ୟରେ ଥିବା ଟିକାକୁ ଦେଖାଯାଏ ତ ଏହା ସ୍ପଷ୍ଟ ହୋଇଯିବ ଯେ ଟିକା ଯୋଗାଇବାରେ କେନ୍ଦ୍ର ସରକାର ପାତର ଅନ୍ତର କରୁଛନ୍ତି । ଏହା ଯଦି ସତ୍ୟ ତେବେ ଏଠାରେ ପ୍ରଶ୍ନ ଉଠୁଛି ଟିକାକରଣର ମହାଅଭିଯାନ ସଫଳ ହୋଇ ପାରିବ କିପରି ? ସେହିପରି ଟିକା ଉତ୍ପାଦନ ଉପରେ ବି ଅଭିଯାନର ସଫଳତା ନିର୍ଭର କରେ । ବିଶେଷଜ୍ଞ, ପୂର୍ବ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ସଚିବ ସୁଜାତା ରାଓଙ୍କ ମତ ସରକାର ଅନେକ ବିଳମ୍ବ କରି ସାରିଛନ୍ତି । ଏଣିକି ବିଳମ୍ବ ନ କରନ୍ତୁ । ବାସ୍ତବିକ ଟିକା ଉତ୍ପାଦନରେ ଏକଚାଟିଆ କାରବାର, ଦଲାଲୀ, ବିଦେଶକୁ ଦେବା, ଟିକାକୁ ନେଇ ନାନା ବିବାଦ ଓ ଲୋକଙ୍କ ମଧ୍ୟରେ ଭୟ-ଏସବୁ ଦୂର କରିବାରେ ସରକାର କୌଣସି ଭୂମିକା ରଖିନାହାନ୍ତି । ଯେଉଁଥିପାଇଁ ଏହି ଅଭିଯାନ ଧିମେଇ ଯାଇଛି । ବିଶ୍ୱର କେତେକ ଦେଶରେ ୭୦ ପ୍ରତିଶତ ଟିକାଦାନ ହୋଇ ସାରିଥିଲାବେଳେ ଭାରତରେ ତାହା ମାତ୍ର ୧୩ ପ୍ରତିଶତ । ଅପରପକ୍ଷରେ ଟିକା ନ ଥାଇ ‘ଟିକା ଉତ୍ସବ’ ପାଳନର ଧୂଆଁବାଣ ବି ସରକାର ଛାଡିଛନ୍ତି ଯାହା ଲୋକଙ୍କୁ ଘାଇଲା କରିଛି । ଏବେ ଦେଶରେ ଦୁଇଟି କମ୍ପାନୀ ସିରମ ଓ ଭାରତ ବାୟୋଟେକ୍ ଦ୍ୱାରା ମାସକୁ ୭.୫ କୋଟି ପାନ ଟିକା ଉତ୍ପାଦନ ହେଉଛି । ଦେଶରେ ଏପରି ୧୬ ଟି କମ୍ପାନୀ ଅଛନ୍ତି, ଯଦି ସେମାନଙ୍କୁ ଅନୁମତି ଦିଆଯାଏ ତେବେ ସେମାନେ ମିଳିତ ଭାବେ ମାସକୁ ୨୫ କୋଟି ପାନ ଟିକା ଉତ୍ପାଦନ କରିପାରିବେ ଓ ବର୍ଷକ ମଧ୍ୟରେ ୩୦୦ କୋଟି ପାନ ଟିକା ଉତ୍ପାଦନ ହୋଇପାରିବ । ସେହି କମ୍ପାନୀମାନେ ହେଲେ ପେନାସିଆ, ସାନ୍ଥା ବାୟୋଟେକ୍, ଜିଏସ୍‌କେ ଏସିଆ, ସନୋଫି, ବିବକୋଲ, ହାଫକାଇନ୍, ଏଚ୍‌ଏଲ୍‌ଏଲ୍ ବାୟୋଟେକ୍, ହ୍ୟୁମାନ ବାୟୋଲୋଜିକାଲ, ଚିରୋନ ବେହରିଙ୍ଗ, ଡାନୋ ଭେକ୍ସିନ, ଗ୍ରୀନ ସିଗନାଲ୍ ବାୟୋ ଫାର୍ମା, ବାୟୋମେଡ, ରେନଭେକ୍ସି, ବିସିଜି ଭେକ୍ସିନ, ପାଶ୍ଚର ଓ ସିଆରଆଇ । ବିଶେଷଜ୍ଞଙ୍କ ମତ ଯେ ଯଦି ଅନ୍ୟ କମ୍ପାନୀକୁ କେବଳ ଟିକା ବଟଲିଂ ପାଇଁ ଅନୁମତି ଦିଆଯାଏ ତେବେ ଏକ ବର୍ଷର କାମ ଦୁଇ ମାସରେ ହୋଇଯିବ ଓ ବଟଲିଂ କାମ କରିବାକୁ ଦେଶରେ ପ୍ରାୟ ଏକ ହଜାରରୁ ଅଧିକ କମ୍ପାନୀ ରହିଛନ୍ତି । ଏହା ହୋଇପାରୁ ନାହିଁ । ଟେକୋନଲୋଜି ଟ୍ରାନ୍ସଫର ଏଗ୍ରିମେଣ୍ଟରେ କଥା ଅଟକିଛି । ଫଳରେ ୨ଟି କମ୍ପାନୀ ଟିକା ପ୍ରସ୍ତୁତ କରି ଏକଚାଟିଆ କାରବାର କରୁଛନ୍ତି, ମନଇଚ୍ଛା ଦାମ ଧାର୍ଯ୍ୟ କରୁଛନ୍ତି, ଦଲାଲୀ କରୁଛନ୍ତି ଏବଂ ଏସବୁ ସରକାରଙ୍କୁ ସୁହାଉଛି । ଅନ୍ୟ ଏକ ଦିଗ ହେଲା ଟିକା ନଷ୍ଟ ହେବା । ଭାରତରେ ଅଧିକ ଟିକା ନଷ୍ଟ ହେଉଛି । ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ଦାୟିତ୍ୱର ସହିତ କାମ କରି ନାହାନ୍ତି । ଜୀବନ ରକ୍ଷାକାରୀ ଯେତିକି ଟିକା ନଷ୍ଟ ହେଉଛି ସେତିକିଟି ଜୀବନ ବିପଦରେ ପଡିଯାଇଛି ବୋଲି ଭାବିବାକୁ ହେବ ।

ବିଶ୍ୱରେ କରୋନା ଟିକା ପ୍ରସ୍ତୁତକାରୀ ଏପରି କିଛି କମ୍ପାନୀ ଅଛନ୍ତି ଯାହାର ମାଲିକ ଟିକା ମୁନାଫାରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଉପାର୍ଜନ କରି ସାରିଲେଣି । ‘ପିପୁଲ ଭେକ୍ସିନ ଆଲାୟନ୍ସ’ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଏପରି ୯ ଜଣ ବ୍ୟକ୍ତି କରୋନା ଟିକା ବିକ୍ରିକରି ୧.୪ ଲକ୍ଷ କୋଟି ଡଲାରରୁ ଅଧିକ ଅର୍ଥ ଉପାର୍ଜନ କରି ସାରିଲେଣି । ସେମାନଙ୍କର ହାରାହାରି ଅର୍ଥ ହେଉଛି ୧.୫୬ ହଜାର କୋଟି ଡଲାର । ଏମାନଙ୍କ ମଧ୍ୟରେ ପ୍ରଥମ ମଡର୍ନାର ମାଲିକ ଷ୍ଟିଫେନ ବୈସେଲ । ବାୟୋଏନଟେକର ଉଗୁର ସାହିନ, ଚୀନ୍‌ର କେନସିନୋର ତିନ୍ ଶହ ରହିଛନ୍ତି । ଏହି ତାଲିକାରେ ସିରମର ସାଇରସ ପୁନାବାଲା ୧୨.୭ ଆରବ ଡଲାର ଅର୍ଜନ କରିଛନ୍ତି । କେଡିଲା ହେଲ୍‌ଥ କେୟାରର ପଙ୍କଜ ପଟେଲ ୫ ଆରବ ଡଲାର ପାଇଛନ୍ତି । ଏହି ଟିକା ଉତ୍ପାଦନକାରୀ ଯେତିକି ପଇସା ଉପାର୍ଜନ କରିସାରିଲେଣି ସେହି ପଇସାରେ ବିଶ୍ୱର ଗରିବ ଦେଶରେ ସମସ୍ତଙ୍କୁ ଦୁଇପାନ ଟିକା ଦିଆଯାଇ ପାରିଥାନ୍ତା । ଏଣୁ କରୋନା ଟିକା ଉପରୁ ପେଟେଣ୍ଟ ଅଧିକାର ହଟାଇବା ପାଇଁ ସେହି ସଂସ୍ଥା ପକ୍ଷରୁ ଦାବି କରାଯାଇଛି ତଥା ଭାରତ ସମେତ କେତେକ ଦେଶ ବି ଏହା ଦାବି କରିଛନ୍ତି । ଟିକାକୁ ନେଇ ଏକଚାଟିଆ କାରବାର ଅନେକ ଦେଶରେ ଦଲାଲୀ କାରବାରକୁ ବଢାଇଛି । ଟିକାର ମୂଲ୍ୟକୁ ନେଇ ସୁପ୍ରିମକୋର୍ଟ ସରକାରଙ୍କୁ ବାରମ୍ବାର ପ୍ରଶ୍ନ କଲାପରେ ଏହି ଦଲାଲୀରେ ରୋକ୍ ଲାଗିଛି । ଟିକା କେନ୍ଦ୍ର ସରକାର କିଣି ରାଜ୍ୟମାନଙ୍କୁ ଦେବେ । ଫଳରେ ଦେଶର ପ୍ରାୟ ୧୮ ହଜାର କୋଟି ଟଙ୍କା ବଞ୍ଚିଯାଇଛି, ଯାହା ଟିକା ପ୍ରସ୍ତୁତକାରୀ କମ୍ପାନୀ ଓ ଦଲାଲ ନେଇଥାନ୍ତେ । ରାଜ୍ୟ ଟିକା କିଣିଥିଲେ ଗୋଟିଏ ଟିକାକୁ ୩୦୦ରୁ ୪୦୦ ଟଙ୍କାରେ କିଣିଥାନ୍ତେ, ମାତ୍ର ଏହାକୁ କେନ୍ଦ୍ର ୧୫୦ ଟଙ୍କାରେ କିଣିବ । ରାଜ୍ୟମାନେ କିଣିଥିଲେ ୩୪,୭୨୦ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତେ । ସେତେବେଳେ କେନ୍ଦ୍ର ୧୬,୮୦୦ କୋଟି ଟଙ୍କାରେ କିଣିବ । ସୁପ୍ରିମକୋର୍ଟ ଚାପ ପରେ ଦଲାଲୀ କାରବାର ଧରାପଡି ଯିବା ଭୟରେ କେନ୍ଦ୍ର ସରକାର ତାଙ୍କ ନୀତିରେ ପରିବର୍ତ୍ତନ କରିଛନ୍ତି ।

ଗତ ମାସରେ ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରୁ ଜଣାଯାଏ ଯେ ବିଶ୍ୱରେ ଯେତେ ଟିକା ଉତ୍ପାଦନ ହୋଇଛି ତାହାର ୬୦ ପ୍ରତିଶତ ଟିକା ଚୀନ୍, ଆମେରିକା ଓ ଭାରତୀୟଙ୍କୁ ଦିଆଯାଇଛି । ପ୍ରାୟ ୧୦ଟି ଦେଶରେ ୭୫ ପ୍ରତିଶତ ଟିକା ଦିଆଯାଇଛି । ବିଶ୍ୱର ୨୧୨ ଟି ଦେଶ ମଧ୍ୟରୁ ୧୨୭ ଟି ଦେଶରେ ଟିକାକରଣ ଅଭିଯାନ ଜାରି ରହିଥିଲାବେଳେ ଅନ୍ୟ ଦେଶମାନଙ୍କର ଏହା ଆରମ୍ଭ ହୋଇ ନାହିଁ । କେତେକ ଦେଶରେ ମାତ୍ର ୦.୫ ପ୍ରତିଶତ ଟିକା ଦିଆଯାଇଥିବା କୁହାଯାଇଛି । କରୋନା ଟିକାକୁ ନେଇ ବିଶ୍ୱ ଦୁଇଭାଗ ହୋଇଛି । ଟିକା ଉତ୍ପାଦନକାରୀ ଦେଶ ଓ ଟିକା ପ୍ରସ୍ତୁତ କରିପାରି ନ ଥିବା ଦେଶ । ଅବଶ୍ୟ ଆମେରିକା ବିଶ୍ୱକୁ ଟିକା ଯୋଗାଇବ କିନ୍ତୁ ଗରିବ ଦେଶମାନେ ଏହି ଟିକା ପାଇବା ଅସମ୍ଭବ । ଅତ୍ୟନ୍ତ ସମ୍ବେଦନଶୀଳ ଓ ଚିନ୍ତାଜନକ କଥା ଯେ ଚୀନ୍ ବହୁ ପୂର୍ବରୁ, କରୋନା ଭୂତାଣୁ ସଂକ୍ରମଣର ପ୍ରାୟ ଏକ ବର୍ଷ ପୂର୍ବରୁ ଟିକା ପ୍ରସ୍ତୁତ କରିଥିଲା । ଡକ୍ଟର ଟି ଜାକବ ନାମକ ଜଣେ ଭାରତୀୟ ବାୟୋଲୋଜିଷ୍ଟ ଏହା କହିଛନ୍ତି । ଚୀନ୍‌ର ଜଣେ ଯୁବ ବୈଜ୍ଞାନିକ, ଯାହାଙ୍କୁ ପରେ ହତ୍ୟା କରାଯାଇଛି ବୋଲି ସନ୍ଦେହ କରାଯାଉଛି ସେ ୨୦୨୦ ଫେବୃଆରୀ ୨୪ ତାରିଖରେ ଏକ କରୋନା ଟିକାର ଲାଇସେନ୍ସ ପାଇଁ ଆବେଦନ କରିଥିଲେ । କରୋନା ଭୂତାଣୁ ସମ୍ପର୍କରେ ସର୍ବସାଧାରଣରେ ୨୦୨୦ ଜାନୁଆରୀ ପ୍ରଥମ ସପ୍ତାହରେ ଚୀନ୍‌ରେ ଜଣା ପଡିଥିଲା । ତେବେ ପ୍ରଶ୍ନ ଉଠୁଛି ମାତ୍ର ଏକ ମାସ ମଧ୍ୟରେ ଚୀନ୍ ବୈଜ୍ଞାନିକ ଟିକା ବାହାର କଲେ କିପରି ? ଯେତେବେଳେ କୌଣସି ଭୂତାଣୁ ଜନିତ ରୋଗ ପାଇଁ ଟିକା ପ୍ରସ୍ତୁତ କରିବାକୁ ଅତିକମ୍‌ରେ ଏକ ବର୍ଷରୁ ଦୁଇବର୍ଷ ଲାଗିଥାଏ । ଏଥିରୁ ଏହା ପ୍ରମାଣିତ ହେଉଛି ଯେ ଚୀନ୍ ବହୁ ପୂର୍ବରୁ କରୋନା ଭୂତାଣୁ ବିଷୟରେ ଜାଣିଥିଲା, ଏହା ଉହାନର ପରୀକ୍ଷାଗାରରେ ପ୍ରସ୍ତୁତ ହୋଇଥିବା ସନ୍ଦେହକୁ ମଧ୍ୟ ଦୂର କରୁଛି ଏବଂ ଏହି ଘାତକ ଭୂତାଣୁର ଶକ୍ତି ସାମର୍ଥ୍ୟ ବିଷୟରେ ଚୀନକୁ ଜଣାଥିଲା ଯେଉଁଥିପାଇଁ ସେ ଭୂତାଣୁ କବଳରୁ ତା’ର ଲୋକମାନଙ୍କୁ ବଞ୍ଚାଇବା ପାଇଁ ଟିକା ପ୍ରସ୍ତୁତ କରିଥିଲା । ଭୂତାଣୁ ବିଶେଷଜ୍ଞ ଡକ୍ଟର ଜାକବଙ୍କର କହିବା କଥା ଯେ, ଯାହାକିଛି ଦେଖାଯାଉଛି ତାହା ସବୁକିଛି ନୁହେଁ । ଏହା ପଛରେ ଅନେକ ରହସ୍ୟ ରହିଛି ଓ ଚୀନ୍ ଅନେକ କିଛି ଲଚାଇଛି । କରୋନା ଟିକା କେତେ ସୁରକ୍ଷିତ ? ଏ ପ୍ରଶ୍ନ ଏବେବି ଅନେକଙ୍କ ମନରେ ରହିଛି । ଭାରତରେ ଜଣେ ବ୍ୟକ୍ତି ଟିକା ନେବା ପରେ ପରେ ମୃତ୍ୟୁବରଣ କରିଛନ୍ତି । ତାଙ୍କର ମୃତ୍ୟୁ ଏନ୍‌ଫ୍ଲୋକସିସ ନାମକ ଏକ ରୋଗ କାରଣରୁ ହୋଇଛି ଓ ଏପରି ମାମଲା ୨୭ କୋଟି ଟିକା ନେଇଥିବା ଲୋକଙ୍କ ମଧ୍ୟରୁ ୩୧ ଟି ଅଭିଯୋଗ ଆସିଛି, ଯାହା ଉପରେ ଅନୁଧ୍ୟାନ ଜାରି ରହିଛି । ଆମେରିକାରେ ଟିକା ନେବା ପରେ ପରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ନରୱେରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାଯାଏ । ଦେଶ ଦୁନିଆରେ କରୋନା ଟିକା, ଟିକାକରଣ ଅଭିଯାନକୁ ନେଇ ଅନେକ ଘଟଣା ଘଟୁଛି । ସେହିପରି ଓଡ଼ିଶାରେ ମଧ୍ୟ ଏପରି କିଛି ସମ୍ବେଦନଶୀଳ ଘଟଣା ରହିଛି ଯାହାକୁ ଏଡାଇ ଦେଇ ହେଉ ନାହିଁ । ପୂର୍ବରୁ କରୋନା ଟିକାକୁ ନେଇ ଭୋଟ ମଗାଯାଇଥିଲା ବିହାରରେ । ଟିକାର ରାଜନୀତିକରଣ ବି ହୋଇଛି । ଏବେ ମହାଟିକାଦାନ ଅଭିଯାନ ଆରମ୍ଭ ଦିନ ଓଡ଼ିଶାରେ ଏକ ଅଭାବନୀୟ ପରିସ୍ଥିତି ରାଜନେତାଙ୍କ ଫଟୋକୁ ନେଇ ହୋଇଛି । ଟିକା ପ୍ରମାଣପତ୍ରରେ ମୋଦିଙ୍କ ଫଟୋ କାହିଁକି ବୋଲି କିଛି ଲୋକ ଯଥାର୍ଥ ପ୍ରଶ୍ନ ଉଠାଇଛନ୍ତି । ସେହିପରି ମମତା ବାନାର୍ଜିଙ୍କ ଫଟୋ ଟିକା ପ୍ରମାଣପତ୍ରରେ ରହିବାକୁ ତାଙ୍କ ଦଳ ପକ୍ଷରୁ ଦାବି ହୋଇଛି । ଆଉ କେତେକ ରାଜନେତା ବି ଏପରି ଚାହାନ୍ତି । ଏବେ ବିଜେଡି ନେତା ନବୀନ ପଟ୍ଟନାୟକ ବି ଏଥିରେ ସାମିଲ ହୋଇଯାଇଛନ୍ତି । ମୋଦି ଟିକା, ମମତା ଟିକା, ନବୀନ ଟିକା ଏପରି ଟିକା ମାଧ୍ୟମରେ ରାଜନୀତିକ ପ୍ରଚାର ପରି ହୀନ ଉଦ୍ୟମ ଆରମ୍ଭ ହୋଇଯାଇଛି । କମ୍ପାନୀ ଲାଭ ଚାହେଁ, ନେତା କ୍ଷମତା ଚାହାନ୍ତି, ମଣିଷ ଜୀବନ ଚାହେଁ । ଏସବୁ ହାସଲ ପାଇଁ ସେମାନେ ଟିକାକୁ ଝୁରି ହେଉଛନ୍ତି । ସମସ୍ତଙ୍କର ଇଚ୍ଛା ପୂର୍ଣ୍ଣ ହେଉ, ଅଭିଳାଷ ସାର୍ଥକ ହେଉ, ସ୍ୱପ୍ନ ସାକାର ହେଉ, ଉଦ୍ୟମ ସଫଳ ହେଉ, କିନ୍ତୁ ଏହା ହେଉଛି କି ନାହିଁ ସମୟ କହିବ ।



ରମାକାନ୍ତ ନାଥ

ସମ୍ପାଦିକ ଓ ସ୍ତମ୍ଭକାର, ପିଠାପୁର, କଟକ -୧

# ପାଇକ ମାଟିର ମହକ - କେରଙ୍ଗ ଗଡ଼

ମଧୁସୂଦନ ଦାସ ଲେଖିଛନ୍ତି;

ତହୁଁ ବହେ ସଦା ଜାତି ପ୍ରାଣଧାର
ସେ ଧାରରୁ ନୀର ପିଉଛି ଯେ ନର
ସେ ହେବ ନିଶ୍ଚୟ ଜାତି କର୍ମବୀର ।।

ସେହିଭଳି କବିବର ରାଧାନାଥ ରାୟ କହିଛନ୍ତି;

ଅତୀତର ତୁହି ସାକ୍ଷୀ ପୁରାତନ
ଦେଖିଲୁ ନଗର ଓ ଉତ୍‌ଥାନ ପତନ
ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର
ଫିଙ୍ଗିପାରିଲେ ସେ ଲଭନ୍ତା ନିସ୍ତାର ।

ଅତୀତର ଅଭୁଲା ସ୍ମୃତି ବାସ୍ତବରେ ଆମ ଦେଶ, ମାଟି, ଗାଁ, ଜାତୀୟ ଚେତନା, ଭାବନା, ଗର୍ବ ଓ ଗୌରବ ହୋଇଥାଏ । ସେଇଥି ପାଇଁ ଗବେଷକମାନେ କହିଥାନ୍ତି ଯେ, ଯେଉଁ ଦେଶର ଅତୀତ ଇତିହାସ ନାହିଁ, ସେ ଦେଶର କିଛି ନାହିଁ । ଆମ ଦେଶର ଅନନ୍ୟ ଐତିହ୍ୟ ମଧ୍ୟରୁ କଳିଙ୍ଗ ବା ଓଡ଼ିଶାର ଐତିହ୍ୟ ଅନ୍ୟତମ ।

ଖୁରଧାର ଐତିହ୍ୟ ଏକ ଚମତ୍କାର ଏବଂ ସାହାସପୂର୍ଣ୍ଣ । ଖୁରଧା ତା ନିଜ ଶବ୍ଦ ମଧ୍ୟରେ ହିଁ ଜଣାଇ ଦିଏ ଯେ, ସେ କେତେ ବୀର ଓ ସାହାସୀ । ପାଇକ, ଦଳେଇ, ଦଳବେହେରା ଏବଂ ସର୍ଦ୍ଦାରମାନେ ହେଲେ ଖୁରଧାର ବାହୁବଳୀ । ଅତିତ ଖୁରଧା ରାଜ୍ୟ ମଧ୍ୟରେ ୭୧ଟି ଗଡ଼ ରହିଥିଲା । କେରଙ୍ଗଗଡ଼ ସେଥି ମଧ୍ୟରୁ ଅନ୍ୟତମ । କେରଙ୍ଗଗଡ଼ ଖୁରଧାଗଡ଼ ଠାରୁ ଉତର-ପଶ୍ଚିମ ଦିଗକୁ ମାତ୍ର ୧୦ କି.ମି ଦୂରରେ ଅବସ୍ଥିତ । କେରଙ୍ଗ ଗଡ଼ ଏକ ପ୍ରସିଦ୍ଧ ପୁରାତନ ଗଡ଼ । ରାଜା-ରାଜୁଡ଼ା ଅମଳରେ ଏହାର ଗୁରୁତ୍ୱ ବେଶ ଉପଲବ୍ଧି କରାଯାଉଥିଲା । ଏହା ପ୍ରାୟ ଖୁରଧା ଗଜପତି ଶ୍ରୀ ଶ୍ରୀ ବୀରକିଶୋର ଦେବ(୧୭୩୭-୧୭୯୩)ଙ୍କ ସମୟର କଥା । ଉତର ଭାରତରୁ ଜଣେ ଯୁଦ୍ଧବିଦ୍ୟାରେ ନିପୁଣ ତକି ଖାଁ ନାମୀ ଖୁରଧାର ତତ୍‌କାଳିନ ରାଜାଙ୍କ ନିକଟରେ ତାଙ୍କର ସାମର୍ଥ୍ୟ ଦେଖାଇଲେ । ଯୁଦ୍ଧବିଦ୍ୟାରେ ପାରଙ୍ଗମତା ଦେଖି ମହାରାଜା ତାଙ୍କୁ ଦଳବେହେରା ଉପାଧିରେ ଭୂଷିତ କରି କେରଙ୍ଗ ଗଡ଼ରେ ଅଧିଷ୍ଠିତ କଲେ । ଏ ତକି ଖାଁ ନାମ ଶୁଣି କେହି ଭ୍ରମରେ ନ ପଡ଼ିଜାନ୍ତୁ । କାରଣ ମହମ୍ମଦ ତକି ଖାଁ ନାମୀ ଶାସକ(୧୭୨୭-୧୭୩୫) ଓଡ଼ିଶାରେ ଶାସନ କରି ନିଜ ଇତିହାସକୁ ନିଜେ ଖରାପ କରିଥିବାର ଅନେକ ଐତିହାସିକମାନଙ୍କ ଲେଖାରୁ ଜଣାପଡୁଛି । ଏ ତକି ଖାଁ ଖୁରଧା କେରଙ୍ଗ ଗଡ଼ର (ସର୍ଦ୍ଦାର)ଦଳବେହେରା ଥିଲେ । ଖୁରଧା ରାଜାଙ୍କ ଅଧିନରେ ରହି ତାଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ କରୁଥିଲେ । ସେ ସମୟରେ କେରଙ୍ଗ ଗଡ଼ ଅଧିନରେ ଥିଲା, କେରଙ୍ଗ, ଦିବ୍ୟସିଂହ ପ୍ରସାଦ, କୁଣ୍ଡିଲ, କୁମ୍ଭୀଲ, ଠାକୁରପଡ଼ା, ପଟନୀବର, କାଠଖୁଂଟିଆ, ଗୌଡ଼ପୁଟ, ବରସାହି, ପାଇକତିଗିରିଆ, ଟାଙ୍ଗିଆପଡ଼ା, ନିଆଳ, ବିଂକୁଡ଼ିଆ, ନୂଆପଡ଼ା ଏବଂ ମୁକ୍ତାପୁର ଗ୍ରାମ ।

ଦଳବେହେରା ତକି ଖାଁଙ୍କ ଜୀବନ ଚରିତ୍ର ବହୁତ ଭଲ ଏବଂ ଉଚ୍ଚକୋଟିର ଥିଲା । ହିନ୍ଦୁ ଓ ମୁସଲମାନ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ସେ ଜଣେ ଆଦର୍ଶବାଦୀ ଥିଲେ । ତାଙ୍କ ଜୀବନ ଚରିତ୍ରରେ ଏପରି ଅନେକ ନଜିର ରହିଛି ।

କେଦାରନାଥ ମହାପାତ୍ରଙ୍କ ପୁସ୍ତକ ଖୁରଧା ଇତିହାସ ପୃଷ୍ଠା ୧୭୬-୧୭୮ରେ କେରଙ୍ଗ ଗଡ଼ ବିଷୟରେ ଲେଖାଅଛି । ବାଙ୍କୀ ସୀମା ନିକଟସ୍ଥ ମୁକ୍ତାପୁର (ତରକାଇଗଡ଼)ତେର ଶଉରୀଗଡ଼ରୁ ଗୋଟିଏ ଗଡ଼ଥିଲା । ଏହି ଗଡ଼ ବାଙ୍କୀ ଡ଼ମପଡ଼ା ଓ ହଳଦିଆ ଗଡ଼କୁ ଲାଗି ରଣନଦୀ ପୂର୍ବ ଉପକୂଳ ତାଡ଼କୀମୁଣ୍ଡିଆ ପାଦଦେଶରେ ଅବସ୍ଥିତ । ଗଡ଼ର ଆଦ୍ୟ ଖଣ୍ଡାୟତ ଜଣେ ଶଉରୀ ଖଣ୍ଡାୟତ ଥିଲେ । ଏହି ଖଣ୍ଡାୟତ ତାଙ୍କର ଶଉରୀ ସମ୍ପ୍ରଦାୟକୁ ଘେନି ବାଙ୍କୀ ରାଜାଙ୍କ ପ୍ରରୋଚନାରେ ଖୁରଧା ମହାରାଜାଙ୍କ ବିରୋଧାଚରଣ କରୁଥିବା ପ୍ରକାଶ ହେବାରୁ ମହାରାଜା ବୀରକିଶୋର ଦେବ କେରଙ୍ଗଗଡ଼ର ମୁସଲମାନ ଦଳବେହେରାଙ୍କୁ ମୁଠା ଆଜ୍ଞା କଲେ ଯେ ତରକାଇଗଡ଼ର ଅବାଧ୍ୟ ଶଉରୀ ଖଣ୍ଡାୟତଙ୍କ ମୁଣ୍ଡ ଘେନି ଖୁରଧାଗଡ଼ ଠାରେ ଭେଟ । ପ୍ରେକ୍ତ ଦଳବେହେରାଏ ମହାରାଜାଙ୍କ ମୁଠା ଆଜ୍ଞା ପାଇ ସଦଳବଳେ ତରକାଇଗଡ଼କୁ ଅଭିଯାନ କରି ଖଣ୍ଡାୟତଙ୍କ ଘୋଷରା ପାହାଡ଼ ତଳେ ତାଙ୍କ ଗଡ଼ର ସାମନ୍ତମାନଙ୍କ ସୁସଜ୍ଜିତ ସାମରିକ କମାଣ ସହ ପହଂଚିଲେ ବୀରବାଦ୍ୟ ଓ ପଦାତିକମାନଙ୍କ ହର୍ଷରବରେ ବିବ୍ରତ ହୋଇ ଖଣ୍ଡାୟତ ଗୋଟିଏ ସୁବର୍ଣ୍ଣ ଥାଳିରେ ମହାପ୍ରସାଦ ଘେନି ସପରିବାର ଆତ୍ମସମର୍ପଣ କଲେ । ଏହା ଦେଖି ଦଳବେହେରାଙ୍କ ହୃଦୟ ତରଳିଗଲା । ତହୁଁ ସେ ସସୈନ୍ୟେ ଫେରି ମହାରାଜଙ୍କ ଦରବାରରେ ପହଂଚି ସେହି ସୁସଜ୍ଜିତ ମହାପ୍ରସାଦ ଓ ଅନ୍ୟାନ୍ୟ ଉପକରଣମାନଙ୍କ ସହ ସୁବର୍ଣ୍ଣ ଥାଳିଟିକୁ ଘେନି ଦଣ୍ଡାୟମାନ ହୋଇ ମହାପ୍ରସାଦ ମାନ୍ୟରେ ରାଜାଙ୍କୁ ରାଜୋଚିତ ସମ୍ମାନ ଦେଖାଇ କହିଲେ,“ ମଣିମା ! ତରକାଇଗଡ଼ର ଅଭିଯାନର ଫଳ ଏହି । ମଣିମା; ସେ ଗଡ଼ର ରାଜଦ୍ରୋହୀ ଖଣ୍ଡାୟତଙ୍କ ମୁଣ୍ଡ ଘେନି ଦର୍ଶନ କରିବାକୁ ଯେ ଆଜ୍ଞା ହୋଇଥିଲା, ମୁଁ ତାହା ଅବଜ୍ଞାକରି ମହାପ୍ରସାଦ ଥାଳି ଘେନି ଦର୍ଶନ କରୁଛି, ମୋ ମୁଣ୍ଡ ବଦଳ ନିଅନ୍ତୁ ।” ମହାରାଜ ସତ୍ୱରେ ମହାପ୍ରସାଦର ଗୌରବ ରକ୍ଷାକରି ଭକ୍ତି ସହକାରେ ଦଣ୍ଡାୟମାନ ଏବଂ ଦରବାରର ସଦସ୍ୟଗଣ ଆସନ ପରିତ୍ୟକ୍ତ; ତହୁଁ ମହାରାଜଙ୍କ ଶ୍ରୀମୁଖସ୍ଥ ଆଜ୍ଞା--“ ଦଳବେହେରାଏ ତୁମେ ଯେ ମୁସଲମାନ ଧର୍ମାବଲମ୍ବୀ ହୋଇ ଜଗନ୍ନାଥଙ୍କ ଶ୍ରୀ ମହାପ୍ରସାଦ ପ୍ରତି ଏତେଦୂର ମାନ୍ୟକରି ଏଡ଼େ ରାଜଦ୍ରୋହୀର ମୁଣ୍ଡ ଛାଡ଼ି ଆସିଲ, ଏଥି ପାଇଁ ତୁମେ ଅବଶ୍ୟ କ୍ଷମାର ପାତ୍ର । ଏହି ହିନ୍ଦୁମାନଙ୍କ ପରି ସକଳ ଧର୍ମର ପକ୍ଷପାତୀ ବିଶେଷତଃ ହିନ୍ଦୁମାନଙ୍କ ପକ୍ଷପାତୀ ଆମ ମୁସଲମାନ ଦଳବେହେରା, ଦଳେଇ ପାଇକ ପ୍ରଭୃତି ସ୍ରେନ୍ୟସାମନ୍ତଙ୍କ ମଧ୍ୟରେ ମାଲଦର ଜମିଦାରଙ୍କ ପରି ସମାନ ପରୀକ୍ଷା ଯେ ଦେଲ ଏଥିପାଇଁ ହିନ୍ଦୁ ସମାଜର ତୁମେ ପୁରୁଷାନୁକ୍ରମିକ ସମ୍ମାନାସ୍ପଦ ହେଲ ।”

୧୮୧୭ ମସିହାରେ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା । ତକି ଖାଁ ନିଜ ପାଇକ ଦଳକୁ ନେଇ ବକ୍ସିଙ୍କ ସହ ମିଶି ଇଂରେଜଙ୍କ ସହ ଲଢ଼ିଥିଲେ । ଐତିହାସିକ, ଗବେଷକ ତଥା ଖୁରଧା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ମୁରଲୀଧର ପ୍ରଧାନଙ୍କ ପୁସ୍ତକ ଅନ୍ୱେଷଣରେ ଲେଖା ଅଛି ଯେ, ତକି ଖାଁ ସେ ସମୟରେ ଇଂରେଜଙ୍କ ଦୁଇ ଜଣ ସେନାପତିଙ୍କୁ ଯୁଦ୍ଧରେ ନିପାତ କରିଥିଲେ । ଅନେକ ଐତିହାସିକଗଣ କୁହନ୍ତି, ଖୁରଧାସ୍ଥିତ ଖ୍ରୀଷ୍ଟିଆନ କବରସ୍ତାନରେ ଥିବା ଏକ ଉଚ୍ଚତା ବିଶିଷ୍ଟ ସ୍ମାରକସ୍ତମ୍ଭଟି ଥୋମସଙ୍କର ଯାହାଙ୍କୁ ତକି ଖାଁ ଯୁଦ୍ଧରେ ହତ୍ୟା କରିଥିଲେ । ସେହିଭଳି ଖୁରଧା ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର ମନ୍ଦିରର ଉତର ଦିଗ ପଟେ ଆଉ ଏକ ଖ୍ରୀଷ୍ଟିଆନ କବରସ୍ଥାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ସେଠି ମଧ୍ୟ ଏକ ଉଚ୍ଚତା ବିଶିଷ୍ଟ ସ୍ମାରକସ୍ତମ୍ଭ ରହିଛି, କୁହାଯାଏ ସେ ସ୍ତମ୍ଭ ଟେଲରଙ୍କର ଯାହାକୁ ସେହି ଯୁଦ୍ଧରେ ତକି ଖାଁ ହତ୍ୟା କରିଥିଲେ । ପାଇକ ବିଦ୍ରୋହ ୧୮୨୦ ମସିହାରେ ଭୟଙ୍କର ରୂପ ନେଲା ସେହି ସମୟରେ ତକି ଖାଁ ଏକ ଯୁଦ୍ଧରେ ସହିଦ ହୋଇଥିଲେ । କିନ୍ତୁ ତାଙ୍କର କୌଣସି ସ୍ମାରକ ସ୍ଥାନ ନାହିଁ । ସେ ଏ ପର୍ଯ୍ୟନ୍ତ ଅଜ୍ଞାତ । ତା’ ପରେ କେରଙ୍ଗରେ ପିଢି ପରେ ପିଢି ଦଳେଇ, ଦଳବେହେରା, ସର୍ଦ୍ଦାର ବଂଶଗତ ବଢିଚାଲିଲା । ୧୯୬୬ ମସିହାରେ ଓଡ଼ିଶାରେ ଭୟଙ୍କର ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । କୁହାଯାଏ ଯେ ସେ ସମୟରେ ଥିବା କେରଙ୍ଗ ଗଡ଼ାଧିଶଙ୍କୁ ମହାରାଜଙ୍କ ତରଫରୁ ଆଦେଶ ଥିଲା କି ଆଖପାଖ ଲୋକମାନଙ୍କ ପାଇଁ ଅନ୍ନଛତ୍ର ଖୋଲି ଦିଆଯାଉ । ଦଳବେହେରା ଜଣେ ଉଦାରଭାବାପନ୍ନ ବ୍ୟକ୍ତି ଓ ବହୁତ ଦାନଧର୍ମ କରୁଥିବାର ବି ଲୋକକଥା ରହିଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ଭୟଙ୍କର ସମୟରେ ଅନ୍ନଛତ୍ରରୁ ଭୋଜନ ଗ୍ରହଣ କରିଥିଲେ ବୋଲି କୁହାଯାଏ ।

ବ୍ରିଟିଶରାଜ ସମୟରେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କେରଙ୍ଗଗଡ଼ର ଦଳବେହେରା ଥିଲେ, ଜାଫର ଖାଁ । କଲେକ୍ଟର ଖାନବାହାଦୁର ମୁସାହେବ ଖାଁ ଥିଲେ, କେରଙ୍ଗଗଡ଼ର ସେହି ଦଳବେହେରାଙ୍କ ଦାୟଦ । ଏବେ ବି କେରଙ୍ଗ ଗାଁରେ ପାଇକ ଆଖେଡ଼ା କରାଯାଉଛି । ପାଇକ ଆଖେଡ଼ା ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନେ ଏ କଳା ଓ ସଂସ୍କୃତିକୁ ଏବେ ମଧ ବଜାୟ ରଖିଛନ୍ତି ।



ମୌଲାନା ଫଜଲ ହକ ଖାଁ

କେରଙ୍ଗଗଡ଼ ବିଷୟରେ ଅନେକ ମହାତ୍ମାମାନେ କହିଯାଇଛନ୍ତି ଯେ, କେରଙ୍ଗ କେତେ ରଙ୍ଗ । ପ୍ରକୃତରେ କେରଙ୍ଗଗଡ଼ ଅନେକ ପ୍ରତିଭାକୁ ନେଇ ପ୍ରସିଦ୍ଧି ଲାଭ କରିଛି । ଏଇ କେରଙ୍ଗଗଡ଼ ମାଟି ଶତାଧିକ ପାଇକ ମଣିଷକୁ ଜନ୍ମ ଦେଇଛି, ଯେଉଁମାନେ ଦେଶର ସୁରକ୍ଷା ପାଇଁ ବିଭିନ୍ନ ସେନାବାହିନୀରେ ଯୋଗଦେଇ ଦେଶମାତୃକା ସହ ପ୍ରେମ ଓ ଅନୁରକ୍ତିର ଜ୍ୱଳନ୍ତ ପ୍ରମାଣ ଦେଉଛନ୍ତି । କେରଙ୍ଗ ପାଇକମାଟିରେ ସେକ ଶଫିକ(ଆସିଷ୍ଟାଂଟ କମାଣ୍ଡେଂଟ), ବେଶାରତ ଅହମଦ ଖାଁ(ଆସିଷ୍ଟାଂଟ କମାଣ୍ଡେଂଟ), ଖ୍ୱାଜା କମାଲୁଦ୍ଦିନ ଖାଁ(ଆସିଷ୍ଟାଂଟ କମାଣ୍ଡେଂଟ), ଜଲାଲୁଦ୍ଦିନ ଖାଁ(ଆସିଷ୍ଟାଂଟ କମାଣ୍ଡେଂଟ), ଶଫିକୁଦ୍ଦିନ ଖାଁ (ସୁବେଦାର), ସମଦ ଖାଁ(ସୁବେଦାର), ମୋତାଲିବ ଖାଁ(ସୁବେଦାର), ହମିଦ ମହମ୍ମଦ(ସୁବେଦାର), ସମଦ ଖାଁ(ସୁବେଦାର), ମୁମତାଜ ଖାଁ (ସୁବେଦାର), ଆରିଫ ଖାଁ (ଡ଼ିଏସପି), ସେକ ହଲିମୁଦ୍ଦିନ ଖାଁ(ଡ଼ିଏସପି), ହୟାତ ଖାଁ(ଡ଼ିଏସଆଇ), ଇବ୍ରାହିମ ଖାଁ(ଡ଼ିଏସଆଇ), ମୁଜଫର ଅହମଦ ଖାଁ (ଡ଼ିଏସଆଇ), ହୈଦର ଖାଁ(ଡ଼ିଏସଆଇ), ଏଜାବୁଲ ଖାଁ(ଡ଼ିଏସଆଇ), ମୁବଶିର ଖାଁ (ନାଏବ ସୁବେଦାର-ଆର୍ମି), ସେକ ଲତିଫ(ନାଏବ ସୁବେଦାର-ଆର୍ମି), ଫାରୁକ ଅହମଦ(କ୍ୟାପଟେନ-ଆର୍ମି), ଓସିମ ଅହମଦ ଖାଁ(ସୁବେଦାର ମେଜର, ଏସିପି-ଆର୍ମି), ଜଫୁଲ୍ଲାଃ ଖାଁ(ନାଏବ ସୁବେଦାର-ଆର୍ମି), ଶଫିକତୁଲ୍ଲାଃ ଖାଁ (ଇନିସପେକ୍ଟର-ସିଆରପିଏଫ୍), ମହିବୁର ରହମାନ(ଇନିସପେକ୍ଟର-ସିଆରପିଏଫ୍), ମୁସ୍ତଫା ଖାଁ (ଏସଆଇ-ସିଆରପିଏଫ୍), ଜହୁର ଖାଁ (ଏୟାରଫୋର୍ସ), କଲିମ ଖାଁ (ଏୟାରଫୋର୍ସ), ଜିୟାଉଦ୍ଦିନ ଖାଁ(ଏୟାରଫୋର୍ସ), ଅବ୍ଦୁର ରହିମ ଖାଁ(ନେଭାଲ), ଇଦ୍ରିସ ଖାଁ (ନେଭାଲ), ମହମ୍ମଦ କମରୁଲ ହକ(ନେଭାଲ) । ଅଜିଜୁଦ୍ଦିନ ଖାଁ (ଏସଆଇ), ଏହେସାନୁଲ ହକ(ଏସଆଇ), ଏବଂ ଶବିର ଅହମଦ(ଏସଆଇ), ଅହମଦ ଖାଁ(ଏଏସଆଇ-ସିଆଇଏସଏଫ୍), ଦେଶ ସେବା କରିଆସିଛନ୍ତି ।

ଏତଦ୍‌ବ୍ୟତୀତ ଦେଶମାତୃକାର ସେବା ପାଇଁ ସୁରକ୍ଷାବାହିନୀର ବିଭିନ୍ନ ବିଭାଗରେ କେରଙ୍ଗଗଡ଼ର ଶତାଧିକ ଯବାନ ଏବେ ମଧ କାର୍ଯ୍ୟରତ । କେରଙ୍ଗଗଡ଼ର ଯବାନମାନେ ଚାଇନା ଯୁଦ୍ଧ୧୯୬୨,୧୯୬୫ ଏବଂ କାର୍ଗିଲ ଯୁଦ୍ଧରେ ମଧ ଦେଶ ପାଇଁ ଲଢ଼ିଛନ୍ତି । ଶହୀଦ ରହିମତୁଲ୍ଲାଃ ଖାଁ (ସିଆରପିଏଫ୍)ବି ଦେଶମାତୃକାର ସେବା କରିବା ସମୟରେ ଆତଙ୍କବାଦୀଙ୍କ ଦ୍ୱାରା ୨୭-୦୧-୧୯୮୭ରେ ଶହୀଦ ହୋଇଥିଲେ । ଏହା ଦେଶ ଓ ଗାଁ ମାଟି ପାଇଁ ଗର୍ବ ଓ ଗୌରବ ।

ଏପରିକି ୧୯୯୨ ମସିହାରେ ଯେତେବେଳେ ହାଇଦ୍ରାବାଦରେ ନିଜାମ ସରକାର ଏକ ଅଲଗା ରାଜ୍ୟ ଗଠନ କରିବାର ସ୍ୱପ୍ନ ଦେଖିଥିଲା, ଯେତେବେଳେ ତା’ ସ୍ୱପ୍ନକୁ ଖଣ୍ଡବିଖଣ୍ଡ କରିବା ପାଇଁ ଓଡ଼ିଶାରୁ ଯେଉଁ ସନ୍ୟବାହିନୀ ଭାରତ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ଯାଇଥିଲେ ସେମାନଙ୍କ ମଧ୍ୟରେ କେରଙ୍ଗଗଡ଼ର ୧୦/୧୨ ଜଣ ସୈନିକ ମଧ ସାମିଲ ଥିଲେ । ଏହା ସହିତ ହସନ ଖାଁ ଏବଂ ଖ୍ୱାଜା କମାଲୁଦ୍ଦିନ ଖାଁ କେରଙ୍ଗଗଡ଼ର ପହଲୱାନ ଥିଲେ । ଆଖ ପାଖ ଅଂଚଳରେ ତାଙ୍କ କୀର୍ତିର ବହୁତ ଚର୍ଚ୍ଚା ଥିଲା ।

ସେହିଭଳି କେରଙ୍ଗଗଡ଼ ଫୁଟବଲ ଖେଳାଳିଙ୍କ ନାମରେ ମଧ ବେଶ ପରିଚିତ । ଏପରିକି ଅନେକ ଏହି କ୍ରୀଡ଼ାର ପ୍ରତିଭା ଯୋଗୁଁ ଭଲ ଚାକିରି ମଧ କରିପାରିଛନ୍ତି । ଏହି ଗାଁର କେତେକ ମହାନ ଖେଳାଳିଙ୍କ ସ୍ମୃତିରେ ପ୍ରତିବର୍ଷ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟର ଆୟୋଜନ କରାଯାଉଛି । ଖୁରଧା ଫୁଟବଲ ଷ୍ଟାଡ଼ିୟମରେ ନଜିର ଖାଁ ଫୁଟବଲ ଟୁର୍ଣ୍ଣାମେଂଟ ଏବଂ କେରଙ୍ଗସ୍ଥିତ ଅହମଦୀୟା ମୁସଲିମ ଫୁଟବଲ ପଡ଼ିଆରେ ଖ୍ୱାଜା କମାଲୁଦ୍ଦିନ ଫୁଟବଲ ଟୁର୍ଣ୍ଣାମେଂଟର ଆୟୋଜନ କରାଯାଉଛି । କେରଙ୍ଗଗଡ଼ର ପୂର୍ବତନ ଫୁଟବଲ ଖେଳାଳି ଜଲାଲ ମହମ୍ମଦ, ରଣବାଜ ଖାଁ, ଶରିଫ ଖାଁ, ଖ୍ୱାଜା କମାଲୁଦ୍ଦିନ ଖାଁ, ଅତାଉର ରହମାନ ଖାଁ, ନଜିର ଖାଁ, ରହିମ ଖାଁ, ଅମିର ଅହମଦ, ସଗିର ଅହମଦ, ସେକ ମସି, ମହମ୍ମଦ ଏହେସାନ, ମୁସ୍ତାକ ଅଲ୍ଲି ଏବଂ ଶୌକତ ଅହମଦ ଖାଁ । ଏମାନେ ଘରୋଇ ଟୁର୍ଣ୍ଣାମେଂଟରେ ଖେଳିବା ସହ ଜିଲ୍ଲା ସ୍ତରୀୟ, ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟ ଖେଳ ମଧ ଖେଳିବାର ସୁଯୋଗ ପାଇଛନ୍ତି । ଏତଦ୍‌ବ୍ୟତୀତ ଭଲିବଲ ଏବଂ କ୍ରିକେଟ ଖେଳରେ ମଧ କେରଙ୍ଗଗଡ଼ର ଯୁବକମାନେ ବେଶ ଦକ୍ଷତା ହାସଲ କରି ସୁନାମ ଅର୍ଜନ କରିପାରିଛନ୍ତି ।

ଶିକ୍ଷା କ୍ଷେତ୍ରରେ ମଧ କେରଙ୍ଗଗଡ଼ରେ ଅଧିକାଂଶ ଶିକ୍ଷିତ ପରିବାର । ଇଂଜିନିୟରିଙ୍ଗ, ଟିଚରସିପ୍ ଏବଂ ଡ଼କ୍ଟରେଟ, ଓକିଲାତି ବ୍ୟତୀତ ବାଣିଜ୍ୟ ଓ ବ୍ୟବସାୟ, ଡ୍ରାଇଭର, ମେକାନିକଲ ତଥା ଅନ୍ୟାନ୍ୟ ବିଭାଗରେ ରୋଜଗାର କରିଥାନ୍ତି । ଅନେକ ଯୁବକମାନେ ଭଲ ରୋଜଗାର କରିବା ଉଦ୍ଦେଶ୍ୟରେ ଦେଶ ବାହାରକୁ ମଧ ଚାଲିଯାଉଛନ୍ତି । ଏହାବ୍ୟତୀତ କେରଙ୍ଗଗଡ଼ରେ ଏକ ବଡ଼ ପରିବାର ଚାଷ ଉପରେ ମଧ ନିଜ ଜୀବିକା ନିର୍ଭର କରିଥାଏ । କର୍ମକ୍ଷେତ୍ର ବ୍ୟତୀତ କେରଙ୍ଗଗଡ଼ ପୂର୍ବରୁ ଧାର୍ମିକ କ୍ଷେତ୍ରରେ ମଧ ଉନ୍ନତଶୀଳ ଗାଁ । କେରଙ୍ଗ ଗଡ଼ ଏକ ମୁସଲିମ ବହୁଳ ଗାଁ । ଏଥିରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ ଲୋକ ବସବାସ କରିଥାନ୍ତି । କେରଙ୍ଗଗଡ଼ ଭାରତବର୍ଷରେ ଥିବା ଅହମଦୀୟା ମୁସଲିମ ଧର୍ମବିଶ୍ୱାସୀ ଲୋକମାନଙ୍କର ସର୍ବ ବୃହତ ଗାଁ ଅଟେ । ଏହି ଧର୍ମବିଶ୍ୱାସୀଙ୍କ ରାଷ୍ଟ୍ରୀୟ କେନ୍ଦ୍ର ପଞ୍ଜାବର କାଦିଆନ ପାବନ ଭୂମି । ଯେଉଁଠି ଏହି ଧର୍ମବିଶ୍ୱାସୀଙ୍କ ମତରେ କଲକୀ ଅବତାର ତଥା ଏହି ମତବାଦର ପ୍ରତିଷ୍ଠାତା ଏବଂ ତାଙ୍କ ମତରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ହଜରତ ମିର୍ଜା ଗୁଲାମ ଅହମଦ(୧୯୩୫-୧୯୦୮)ଜନ୍ମ ଗ୍ରହଣ କରିଥିଲେ । ଏବେ ଏହି ସଂପ୍ରଦାୟ ବିଶ୍ୱର ୨୧୪ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ବିଶ୍ୱଶାନ୍ତି ଓ ବିଶ୍ୱଭାଇଚାରା ପ୍ରତିଷ୍ଠା କରିବା ଏମାନଙ୍କର ମୂଳ ଲକ୍ଷ । କେରଙ୍ଗଗଡ଼ ଶତାଧିକ ଏପରି ଧାର୍ମିକ ଗୁରୁ, ପଣ୍ଡିତ ଏବଂ ମୌଲାନାମାନଙ୍କୁ ମଧ ଜନ୍ମ ଦେଇଛି, ଯେଉଁମାନେ ଇସଲାମର ବାସ୍ତବ ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ବିଶ୍ୱମାନପଟରେ ପଚାର ଓ ପ୍ରସାର କରିବାରେ ପ୍ରୟାସ କରିଆସୁଛନ୍ତି । ଭାରତବର୍ଷର କୋଣ ଅନୁକୋଣେ କେରଙ୍ଗଗଡ଼ର ଧାର୍ମିକ ପଣ୍ଡିତମାନେ ପାଣ୍ଡିତ୍ୟ, କଳା ଓ ସଂସ୍କୃତିରେ ସୁନାମ ଅର୍ଜନ କରିଛନ୍ତି । ମୌଲାନା ମୋହସିନ ଖାଁ, ମୌଲାନା ଶରାଫତ ଖାଁ, ମୌଲାନା ଶମସୁଲ ହକ ଖାଁ, ମୌଲାନା ଫଜଲେ ଉମର, ମୌଲାନା ଇସମାଇଲ ଖାଁ, ମୌଲାନା ଫରଜାନ ଖାଁ, ମୌଲାନା କମରୁଲ ହକ ଖାଁ ଶାସ୍ତ୍ରୀ, ମୌଲାନା ଇଫତେଖାର ଅହମଦ ଖାଁ, ମୌଲାନା ସେକ ଇସହାକ ଅଲ୍ଲି, ମୌଲାନା ମକସୁଦ ଅଲ୍ଲି ଅହମଦ, ମୌଲାନା ଫଜଲ ହକ ଖାଁ, ମୌଲାନା ହଲିମ ଅହମଦ ଖାଁ, ମୌଲାନା ଅକବର ଖାଁ, ମୌଲାନା ଜମାଲ ଶରିୟତ ଅହମଦ, ମୌଲାନା ରହମାନ ଖାଁ, ମୌଲାନା ତୟବ ଖାଁ, ମୌଲାନା ଖେଜର ହୟାତ, ମୌଲାନା ସେକ ଫୁରକାନ ଅହମଦ, ମୌଲାନା ମହମ୍ମଦ ଫଜଲେ ଉମର, ମୌଲାନା ଫହିମ ଅହମଦ ଭଳି ଶତାଧିକ କେରଙ୍ଗ ଗଡ଼ର ସୁପୁତ୍ର ମୌଲାନାମାନେ ମାନବସେବା ଓ ଧର୍ମ ସେବା କରିଆସୁଛନ୍ତି । ଏମାନେ ପଂଚାୟତ ସ୍ତରୀୟ, ବ୍ଲକ ସ୍ତରୀୟ, ଜିଲ୍ଲା ସ୍ତରୀୟ, ରାଜ୍ୟ ସ୍ତରୀୟ, ଜାତୀୟ ସ୍ତରୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ସର୍ବଧର୍ମ ଶାନ୍ତି ସମ୍ମିଳନୀ ତଥା ସର୍ବଧର୍ମ ସମନ୍ୱୟବାଦ ସଭାରେ ବସୁଧୈବକୁଟୁମ୍ବକମର ଅମୂଲ୍ୟବାର୍ତ୍ତା ବହନ କରିଆସୁଛନ୍ତି ।

କେରଙ୍ଗଗଡ଼ ଓଡ଼ିଶାର ସାହିତ୍ୟ, କଳା ଓ ସଂସ୍କୃତିକୁ ବଜାୟ ରଖିବା ପାଇଁ ମଧ ଅନେକ କବି, ଲେଖକ ଏବଂ ସ୍ତମ୍ଭକାରମାନଙ୍କୁ ଜନ୍ମ ଦେଇ ପ୍ରଶଂସୀତ ହୋଇଛି । କେରଙ୍ଗ ଗଡ଼ର ସେକ ମୁକରମ, ମହମୁଦ ଅହମଦ, ଅହମଦ ନୁର ଖାଁ, ସେକ ଫଜଲୁର ରହମାନ, ସେକ ଅଜିଜ, ଜଫରୁଲ୍ଲାଃ ଖାଁ, ଡ଼ଃ.ସେକ ସମସୁର, ଏହେସାନୁଲ ହକ, ମୁସ୍ତାକ ଅହମଦ, ଫଜଲୁର ରହମାନ ଖାଁ, ସୁଜାଅତ ଅଲ୍ଲି , ରୋକିଆ ବାନୁ, ଇଂ.ରୌଶନ ଖାଁ, ଜିଲୁର ରହମାନ, ମୌଲାନା ମକସୁଦ ଅଲ୍ଲି, ମୌଲାନା ଜମାଲ ଶରିଅତ ଅହମଦ, ମୌଲାନା ଫଜଲ ହକ ଖାଁଙ୍କର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ବଜାୟ ରଖିବାରେ ବହୁତ ବଡ଼ ଅବଦାନ ରହିଛି ।

ରାଜନୀତି କ୍ଷେତ୍ରରେ କେରଙ୍ଗ ଗଡ଼ ଅଧିବାସୀଙ୍କ ଯଦିଓ କି ବିଶେଷ ରୁଚି ନାହିଁ । କିନ୍ତୁ ସର୍ବଦା ଶାସକ ଓ ପ୍ରଶାସନଙ୍କ କଥା ମାନି ଚଳନ୍ତି । କେରଙ୍ଗ ଗଡ଼ ଏକ ପଂଚାୟତ ଗ୍ରାମ । ଏଠାରେ ପୁରୁଷ ଏବଂ ମହିଳାମାନେ ମଧ ସରପଂଚ ପଦବି ପାଇଛନ୍ତି । ବିଧାୟକ ଓ ସାଂସଦ ତଥା ମନ୍ତ୍ରୀମାନଙ୍କ ସହ ସର୍ବଦା ଭଲ ସଂପର୍କ ରଖିଥାନ୍ତି । ଏପରିକି ଅନେକ ସମୟରେ ମଧ କେରଙ୍ଗଗଡ଼ର ଲୋକମାନେ ମନ୍ତ୍ରୀଙ୍କ ବିଶ୍ୱସ୍ତ ଭାବେ ରାଜନୀତି କାମରେ ସାହାଯ୍ୟ ଓ ସହଯୋଗ କରିଥାନ୍ତି । ଅନେକ ସମୟରେ ବଡ଼ ବଡ଼ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ବଡ଼ ବଡ଼ ଧର୍ମ ପଣ୍ଡିତମାନେ ଏ ଗଡ଼କେରଙ୍ଗକୁ ଆସି ସେଇ ପାଇକମାଟିରୁ ଆଶୀର୍ବାଦ ପାଇଛନ୍ତି ।

ତେଣୁ ଆମ୍ଭେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଧର୍ମନିରପେକ୍ଷବାଦର ଅନ୍ତୁଡ଼ିଶାଳ ହେଉଛି କେରଙ୍ଗଗଡ଼ । ସମଗ୍ର ଦେଶ ଏହି ଉଦାର ଗୁଣଟି ଏଠାରୁ ଶିକ୍ଷା କରିବା ଏକାନ୍ତ ଆବଶ୍ୟକ । ଆଜି ବି କେରଙ୍ଗଗଡ଼ରେ ସେହି ପାଇକମାନଙ୍କର ରଣହୁଙ୍କାର ଶୁଣିବାକୁ ମିଳୁଛି, ସେ ଶକ୍ତି ଓ ବଳ ଏବେ ବି ରହିଛି । କିନ୍ତୁ ଶାସକ ଓ ପ୍ରଶାସନର ଯଦି ଉଦାରତା ଓ ଦୂରଦର୍ଶିତାର ନଜର ପଡ଼ିବ ତେବେ ସେହି ପାଇକ ପୁନଃ ଜାଗି ଉଠିବ । ବିକାଶର ସ୍ରୋତରେ ଗଡ଼କେରଙ୍ଗକୁ ମଧ ସାମିଲ କରାଗଲେ, ସେ ନିଶ୍ଚିତ ତା’ର କୀର୍ତିକୁ ପୁନରାବୃତି କରିପାରିବ । ପୁଣି ସେ ଦେଶର ମହାନତାକୁ ଉଚ୍ଚ ଶିଖରରେ ପହଂଚାଇବାରେ ସାହାଯ୍ୟ ଓ ସହଯୋଗ କରିପାରିବ । ଏଇ ମୋର ଗାଁଟି କେରଙ୍ଗ ତାର ନାଁଟି । ଆମ ଗାଁ ଆମ ପରିଚୟ ହେଉ ।

ହିନ୍ଦୁ, ମୁସଲିମ, ଶିଖ, ଇସାଇ, ହମ୍ ସବ୍ ହେଁ ଭାଇଭାଇ,
ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା ।।
ଏହା ହିଁ ଆମର କାମନା । ସର୍ବେଭବନ୍ତୁ ସୁଖିନଃ ।

ଭୁବନେଶ୍ୱର
ମୋ :୯୬୯୨୨୨୫୦୫୭

# କଥା ବ୍ରହ୍ମପୁତ୍ରର

ବ୍ରହ୍ମପୁତ୍ର ଭାରତ ର ଦୀର୍ଘତମ ଓ ବୃହତମ ନଦୀ ହେଲେ ମଧ୍ୟ ଖୁବ କମ ଦେଶବାସୀ ଏହା ସମ୍ବନ୍ଧ ରେ ବିଶେଷ ଭାବେ ଜାଣନ୍ତି । ଏହା ଦେଶ ର ଅଗମ୍ୟ ବିଚ୍ଛିନ୍ନ ଅ-ଳରେ ପ୍ରବାହିତ ହୋଇଥିବାରୁ ଲୋକମାନଙ୍କ ଦୃଷ୍ଟି ଆଢୁଆଳରେ ରହିଅଛି । ଦେଶର ସମସ୍ତ ନଦୀ ମାନଙ୍କ ମଧ୍ୟରୁ ଏହା ଏକମାତ୍ର ପୁ-ଲିଙ୍ଗ ବାଚକ ନଦୀ । ପୃଥିବୀର ଏହା ପନ୍ଦରତମ ଦୀର୍ଘ ଓ ଜଳନିଷ୍କାସନ ରେ ନବମ ସ୍ଥାନରେ ରହିଛି । ୧୮୬୦ ମସିହା ପର୍ଯ୍ୟନ୍ତ ତିବ୍ବତରେ ପ୍ରବାହିତ ୟାରଲଙ୍ଗ-ସାଙ୍ପୋ ଓ ଭାତର ର ବ୍ରହ୍ମପୁତ୍ର ଯେ ଗୋଟିଏ ନଦୀ ତାହା ଜଣା ନଥିଲା । ଏହାର ଲମ୍ବା ମଧ୍ୟ ଜଣା ନଥିଲା । ବର୍ତ୍ତମାନ ଏହାର ଲମ୍ବ ପ୍ରାୟ ୩୯୪୯ କିମି ବୋଲି ଜଣା ପଡିଛି । ଏହାର ଗଭୀରତା ୪୦୦ ଫୁଟରୁ ୧୨୦୦ ଫୁଟ ମଧ୍ୟରେ । ଏହାର ଅବବାହିକାର କ୍ଷେତ୍ରଫଳ ପ୍ରାୟ ୭ଲକ୍ଷ ବର୍ଗ କିମି । ବ୍ରହ୍ମପୁତ୍ର ନଦୀ ମାନସରୋବର ନିକଟରୁ ହିମାଳୟ ର ଉତ୍ତର ପାଦଦେଶ ଓ କୈଳାସ ପର୍ବତ ଶ୍ରେଣୀର ଦକ୍ଷିଣ ପାର୍ଶ୍ୱ ମଧ୍ୟରେ ବୁରାଙ୍ଗ ପ୍ରଦେଶର ଅମିଙ୍ଗ ତୁଷାର ସ୍ରୋତରୁ ଉତ୍ପତ୍ତି ହୋଇଛି । ଏହା ପରେ ପ୍ରାୟ ୧୩୦୦ କିମି ତିବ୍ବତର ଦକ୍ଷିଣା-ଳ ଦେଇ ପୂର୍ବାଭିମୁଖି ଗତି କରିଛି । ଏହା ସହିତ ତିବ୍ବତ ମାଳଭୂମିର ଅନେକ ନଦୀ ବାମ କଡରେ ଯଥାଃ- ଲାସା, ନିୟାଙ୍ଗ, ପାରଲଙ୍ଗ ଜୁଙ୍ଗୋ,ଲୋହିତ, ଧନସିରି ନଦୀ ମିଶିଛନ୍ତି । ଦକ୍ଷିଣ କଡ଼ରୁ ଭାରତରେ କାମାଙ୍ଗ, ମାନସ, ବେକି, ରାଇଡକ, ତିସ୍ତା ଓ ସୁବାନସିରି ନଦୀ ଏହା ସହ ମିଶିଛନ୍ତି । ଏହା ତିନୋଟି ଦେଶ ତିବ୍ବତ, ଭାରତ ଓ ବଙ୍ଗାଳା ଦେଶ ମଧ୍ୟ ଦେଇ ଗତି କରିଛି । ହିମାଳୟ କୁ ଏକ ଗଭୀର ଗଣ୍ଡ, ୟାରଲଙ୍ଗ-ସାଙ୍ପୋ କାନୟାନ ଦେଇ ଅତିକ୍ରମ କରି ଗ୍ୟାଲାପାରି ନାମଚେ ବାରୱା ପାହାଡ ଶ୍ରେଣୀ ମଧ୍ୟରେ ଏକ ବକ୍ର ଗତି ରେ ଦକ୍ଷିଣ-ପଶ୍ଚିମ ମୁହାଁ ହୋଇ ଅରୁଣାଚଳ ପ୍ରଦେଶ ରେ ପ୍ରବେଶ କରିଛି(ସାଡିଆ ଠାରେ) । ସେଠାରେ ନଦୀର ନାମ ସିଆଙ୍ଗ ବା ଡାହାଙ୍ଗ ହୋଇଛି । ଗଣ୍ଡର ଉଭୟ ପାର୍ଶ୍ୱରେ ପ୍ରାୟ ୧୪ ହଜାର ଫୁଟର କାନ୍ଥ ଅଛି । ଅନେକ ଜଳ ପ୍ରପାତ ଦ୍ୱାରା ଏହା ଦ୍ରୁତ ଗତିରେ ତଳ କୁ ଖସିଛି । ଏହି ନଦୀରେ ଶଯ୍ୟା ପରିବର୍ତ୍ତନ ବାରମ୍ବାର ହୁଏ । ଲୋହିତ ଓ ଡିହାଙ୍ଗ ନଦୀର ମିଶ୍ରଣ ପରେ ଏହା ବ୍ରହ୍ମପୁତ୍ର ନାମରେ ପରିଣତ ହୋଇଛି । ଏହାକୁ ଡୋଇମା (ମଦର ଅଫ ୱାଟର) ଓ ବୁରୁଲଙ୍ଗ ବୁଥୁର ବୋଲି ବୋଡୋ ଜନଜାତି ଡାକିଥାଆନ୍ତି । ଅରୁଣାଚଳ ପ୍ରଦେଶ ପରେ ଏହା ଦେବାଙ୍ଗ ଓ ଲୋହିତ ନଦୀ ମାନ ଙ୍କ ସହ ମିଶି ଆସାମ ଉପତ୍ୟକାରେ ୭୦୦ କିମି ବ୍ରହ୍ମପୁତ୍ର ନାମରେ ପ୍ରବାହିତ ହୋଇଛି । ଏଠାରେ ଶଯ୍ୟା ବହୁତ ଓସାରିଆ(୨୦ କିମି ପର୍ଯ୍ୟନ୍ତ) ଓ ଶଯ୍ୟା ବହୁଭାଗରେ ବାଲୁକା ସ୍ତୁପ ଦ୍ୱାରା ବିଭକ୍ତ । ଏହା କୂଳରେ ଲକ୍ଷ୍ମିପୁର, ଶିବ ସାଗର, ତେଜପୁର,ଦିବ୍ରୁଗଡ, ଗୌହାଟି ସହର ରହିଛି । ଆସାମରେ ବହିଗଲା ବେଳେ ପୃଥିବୀର ସବୁଠାରୁ ବଡ ନଦୀ ଦୀପ ମାଜୋଲି ଏହା ସୃଷ୍ଟି କରିଛି(ଲମ୍ବ ୧୦୦ କିମି) । ଗୌହାଟି ଆଗରୁ ଏହା ଶିଲଂ ମାଳଭୂମିରେ ଗଲା ବେଳେ ସଂକୀର୍ଣ୍ଣ(୧କିମି) ହୋଇଛି । ଏଠାରେ ମୋଗଲ ମାନଙ୍କ ସହ ଆହୋମ ମାନଙ୍କର ପ୍ରସିଦ୍ଧ ସରେଇଘାଟ ଯୁଦ୍ଧ ହୋଇଥିଲା ।



ଡାଃ ସୁରେନ୍ଦ୍ର ନାଥ ଦାଶ

୧୯୬୨ ମସିହାରେ ପ୍ରଥମ ପୋଲ ଏଠାରେ ବ୍ରହ୍ମପୁତ୍ର ଉପରେ ତିଆରି ହେଲା । ଦକ୍ଷିଣ ପଶ୍ଚିମ କିଛିଦୂର ଗତି କରି ଏହା ଗାରୋ ପର୍ବତ ଶ୍ରେଣୀ କୁ କାଟି ବଙ୍ଗଳା ଦେଶରେ ପ୍ରବେଶ କରି ସଂପୂର୍ଣ୍ଣ ଦକ୍ଷିଣାଭିମୁଖୀ ହୋଇ ବଙ୍ଗୋପ ସାଗର ଦିଗରେ ଗତି କରିଛି (ଭାରତ ର ଧୁବୁରି ପାଖରେ) । ଏଠାରେ ଏହା ତିସ୍ତା, ବରାଲ, ଅତ୍ରାଇ, ହୁର ସାଗର ନଦୀ ମାନଙ୍କ ସହ ମିଶିଛି । ବଙ୍ଗଳା ଦେଶରେ ଏହା ଯମୁନା ନାମରେ ୨୨୦ କିମି ପ୍ରବାହିତ ହେଲା ପରେ ଦୁଇ ଭାଗରେ ବିଭକ୍ତ ହୋଇଛି (ଗୋଆଲନ୍ଦା) । ବକ୍ଷିଣ ମୁଖ୍ୟ ଭାଗ ଗଙ୍ଗା ବା ପଦ୍ମା ସହ ମିଶିଛି ଓ ଆହୁରି ୧୩୦ କିମି ନିମ୍ନ କୁ ବହି ମେଘନା ସହ ମିଳିତ ହୋଇଛି (ଚାନ୍ଦପୁର) । ବାମ ଭାଗରୁ ଧୁଲେଶ୍ୱର ଶାଖା ନଦୀ ବାହାରିଛି ଓ ଡାକା ନିକଟରେଏହା ମେଘନା ନଦୀ ସହ ମିଶି ନିମ୍ନାଂଶ ରେ ଗଙ୍ଗା ସହ ମିଶି ମେଘନା ନାମ ଧାରଣ କରି ଏକ ବଙ୍ଗୋପ ସାଗର ରେ ପଡିଛି । ଗଙ୍ଗା ବ୍ରହ୍ମପୁତ୍ର ତ୍ରିକୋଣଭୂମି ପୃଥୀବୀ ର ବୃହତ୍ତମ ଡେଲଟା (୬୦ ହଜାର ବର୍ଗ କିମି) ଓ ସୁନ୍ଦର ବନ ନାମରେ ଏକ ବିଚିତ୍ର ଜୈବ ମଣ୍ଡଳ ର ଅଧିକାରୀ । ସନ୍ତସନ୍ତିଆ କୁଆରିଆ ଜଳାଭୂମି, ହେନ୍ତାଳ ବଣ, ନାନା ସରୀସୃପ, ରୟାଲ ବେଙ୍ଗଲ ଟାଇଗର ପାଇଁ ଏହା ବିଶ୍ୱବିଖ୍ୟାତ ।

ବ୍ରହ୍ମପୁତ୍ର ନଦୀରେ ହାରାହାରି ୧୯ ହଜାର ଘନ ମିଟର/ସେକେଣ୍ଡ ଓ ସର୍ବୋଚ୍ଚ ୧ଲକ୍ଷ ଘନ ମିଟର /ସେକ ପ୍ରବାହିତ ହୋଇଥାଏ । ବ୍ରହ୍ମପୁତ୍ର କୂଳରେ ୧୩୦ ମିଲିଅନ ଲୋକ ବାସ କରନ୍ତି । ନଦୀ ମଧ୍ୟରେ ଥିବା ଦୀପ ୬ ଲକ୍ଷ ଲୋକ ଙ୍କ ନିବାସ ସ୍ଥଳୀ । ଏହା ଶଯ୍ୟରେ ବାରମ୍ବାର ବାଲୁକା ଦ୍ୱିପ ସୃଷ୍ଟି ଓ ବିଲୟ ଘଟୁଥିବାରୁ ବିଭିନ୍ନ ସିମା ନିର୍ଦ୍ଧାରଣରେ ଅସୁବିଧା ସୃଷ୍ଟି ହୁଏ । ନଦୀ ଉପରେ ପ୍ରାୟ କୋଡିଏ ଟି ସେତୁ ନିର୍ମିତ ହୋଇଛି । ସେଗୁଡିକ ମଧ୍ୟରୁ ଭୁପେନ ହାଜାରିକା ସେତୁ ଦୀର୍ଘତମ(୯.୪ କିମି)ଅଟେ । ଜଳ ପଥରେ ଯାତ୍ରୀ ଓ ମାଲ ପରିବହନ ପାଇଁଏହାର ଶଯ୍ୟା ଅତି ପ୍ରାଚିନ କାଳରୁ ବ୍ୟବହାର ହୁଏ । ବିଶେଷତଃ ବଙ୍ଗଳା ଦେଶରେ ଗମନା ଗମନ ପାଇଁ ନଦୀ ପଥ ମୁଖ୍ୟ ଭୂମିକା ନେଇଥାଏ । ବ୍ରହ୍ମପୁତ୍ର ରେ ବର୍ଷକୁ ଦୁଇଥାର ବନ୍ୟା ଆସେ । ବନ୍ୟାଦ୍ୱାରା ଆସାମ ଓ ବଙ୍ଗଳା ଦେଶର ବହୁତ କ୍ଷୟ କ୍ଷତି ହୋଇଥାଏ । ଏହାର ମୁହାଣରେ ପ୍ରତିବର୍ଷ ଅନେକ ଘୂର୍ଣ୍ଣିବାତ୍ୟା ସ୍ଥଳଭାଗରେ ପ୍ରବେଶ କରି କ୍ଷୟକ୍ଷତି କରିଥାଏ । ତିବ୍ବତରେ ଚୀନ ସରକାର ଅନେକ ବନ୍ଧ ବାନ୍ଧିବାରୁ ଭାରତ ପ୍ରତିବାଦ ଜଣାଇଛି । ଏହାର ବିଶାଳତା ଯୋଗୁ “The mighty Brahmputra” ନାମରେ ଏହା ବିଶ୍ୱରେ ପରିଚିତ ହୋଇଛି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮୬





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଫୁଲବାଣୀରେ ଆଡହକ ଜିଲ୍ଲା ସେସେନ୍ସ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟ ଉଦଘାଟିତ

କନ୍ଧମାଳ: କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ଠାରେ ଫୁଲବାଣୀ କୋର୍ଟ ପରିସରରେ ଆଡହକ ଜିଲ୍ଲା ସେସେନ୍ସ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ଉଦଘାଟିତ ହୋଇଯାଇଛି । ଏହିପରି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟ ରାଜ୍ୟରେ ୧୮ଟି ଜିଲ୍ଲାର ସଦର ମହକୁମାରେ ଶୁଭ ଉଦଘାଟନ ହୋଇଛି । ଏହି ନୂତନ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ ମୁରଲିଧର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିଥିଲେ । ଏହି ଅବସରରେ ଫୁଲବାଣୀ ଅଦାଲତର ଜିଲ୍ଲା ଦୌରା ଜଜ୍ ସାରଦା ପ୍ରସାଦ ନାୟକ ଫୁଲବାଣୀ ସ୍ଥିତ ଆଡହକ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟକୁ ଶୁଭ ଉଦଘାଟନ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାରେ ଜିଲ୍ଲାରେ ବିଚାର ନ ହୋଇ ବର୍ଷବର୍ଷ ଧରି ରହିଥିବା ନାବାଳିକା ମାମଲା ଗୁଡିକ ତୁରନ୍ତ ଫୈସଲା ହୋଇପାରିବ । ଯାହାଦ୍ୱାରା ପୀଡିତା ନାବାଳିକା ମାନେ ଶିଘ୍ର ନ୍ୟାୟ ପାଇପାରିବେ । ଏହି ଉଦଘାଟନ ଉତ୍ସବରେ ପାରିବାରିକ ଅଦାଲତର ବିଚାରପତି ସ୍ମୃତିଲେଖା ବାରିକ,ସ୍ୱତନ୍ତ୍ର ବିଚାରପତି ଦୁର୍ନୀତି ନିବାରଣ ଅଦାଲତର ଶୁଭଦର୍ଶିନୀ ପଟ୍ଟନାୟକ, ଏସଡିଜେମ ରମାଦେବୀ ସୋରନ,ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୌମ୍ୟକ ପାତ୍ର ପୋକ୍ସ ସ୍ୱତନ୍ତ୍ର ଅଦାଲତ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥି ସହିତ ବାର ଆସୋସିଏସନର ସଭାପତି ସାର୍ବେଶ୍ୱର ଦାସ ଓ ସମ୍ପାଦକ ଅଜିତ କୁମାର ପଟ୍ଟନାୟକ, ସ୍ୱତନ୍ତ୍ର ପୋକ୍ସ ପିପି ଅସୀମ ପ୍ରହରାଜ, ପିପି ଶିବ ପ୍ରସାଦ ତ୍ରିପାଠୀ, ବିଶ୍ୱଜିତ ପଟ୍ଟନାୟକ, ଭିଭି ରାମଦାସ, ଆଇନଜୀବୀ ହରିଶ୍ଚନ୍ଦ୍ର ମହାରଣା, ସତ୍ୟନାରାୟଣ ବେହେରା, ରମେଶ ଚନ୍ଦ୍ର ମହାନ୍ତି,ମନୋଜ ପଟ୍ଟନାୟକ, ବିଣାପାଣୀ ପ୍ରଧାନ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସଦାଶିବ ପାତ୍ର, ଦୀପକ କୁମାର ରଥ, ଦିଲ୍ଲୀପ କୁମାର ବାନାର୍ଜୀ, ନିହାରିକା ପାତ୍ର, ଉଗ୍ରେସନ ନାୟକଙ୍କ ସମେତ ବହୁ ସଂଖ୍ୟକ ଆଇନଜୀବୀ ଓ କୋର୍ଟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।

# ଆମ୍ବାଗୁଡା ଠାରେ ରାସ୍ତା ଅବରୋଧ କଲେ ବିଜେପି କର୍ମୀ

ଜୟପୁର: କୋରାପୁଟ ଜିଲା କୃଷକ ମୋର୍ଚ୍ଚା ତରଫରୁ ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ନଂ ୨୬ର ଆମ୍ବାଗୁଡା ଠାରେ ରାସ୍ତା ଅବରୋଧ କରାଯାଇଥିଲା । ରବି ମଣ୍ଡିରେ ଚାଷିଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ, ଚାଷୀ ମାରଣା ନୀତିରେ ବହୁ ଚାଷୀଙ୍କ ଟୋକେନ ଲ୍ୟାପସ ହୋଇଛି । ଚାଷିଙ୍କ ପାଖରେ ହଜାର ହଜାର କ୍ୱିଂଟାଲ ଧାନ ପଡି ରହିଛି । ଏନେଇ ରାଜ୍ୟ କୃଷକ ମୋର୍ଚ୍ଚାର ନିଷ୍ପତି କ୍ରମେ ଦାବି ପୂରଣ ନହେଲେ ଜିଲା ଯୋଗାଣ ଅଧିକାରିଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନି ଦିଆଯାଇଥିଲା। ଆମ୍ବାଗୁଡାରେ ପ୍ରବଳ ବର୍ଷା ଜାରୀ ରହିଥିବା ବେଳେ ବିଜେପିର ନେତା ଓ କର୍ମୀ ମାନେ ଧାନ ରଖି ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଫଳରେ ଉଭୟ ପଟେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଥିଲା । ଘଟଣାସ୍ଥଳରେ ଜିଲା ଯୋଗାଣ ଅଧିକାରି ପ୍ରମୋଦ କୁମାର ପଣ୍ଡା, ସହକାରୀ ଜିଲା ଯୋଗାଣ ଅଧିକାରି ରବି ନାରାୟଣ ନନ୍ଦ ପହଂଚି ଆଲୋଚନା କରିଥିଲେ । ଆଜି ବିକ୍ଷୋଭରେ ଜିଲା ସଭାପତି ସୁମନ୍ତ ପ୍ରଧାନ, ଜୟରାମ ପାଙ୍ଗି, ଗୌତମ ସାମନ୍ତରାୟ ,ଖଗେଶ ପୁଜାରୀ, ପୂର୍ଣ୍ଣମା ନାୟକ, ସାଧୁ ଚରଣ ଦାସ, ବିପଦ ଭଞ୍ଜନ ଦାସ, ବୈଦନାଥ ମିଶ୍ର , ବିଜୟ କୁମାର ନାୟକ, ନିରଞ୍ଜନ ବେହେରା ସମେତ ଶତାଧିକ ବିଜେପି କର୍ମି ଓ ଚାଷି ଉପସ୍ଥିତ ଥିଲେ ।

# ବିଦ୍ୟାଳୟରେ ବନମହୋତ୍ସବ



ଖଣ୍ଡପଡା : ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ବନ ବିଭାଗ ପକ୍ଷରୁ ୭୨ ତମ ବନ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତଥା ବ୍ଲକ ଶିକ୍ଷା ଅଧିକାରିଣୀ ଜୟ'1 ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବନାଚଂଳ ଅଧିକାରିଣୀ ସୋନାଲୀ ସିଓ, ଖଣ୍ଡପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ କୁମାର ସାଥୁଆ, ବରିଷ୍ଠ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଭୁଦତ ନାୟକ, ବରିଷ୍ଠ ଆଇନଜୀବି ଗିରିଜା ଶଙ୍କର ତରାସିଆ ପ୍ରମୁଖ ଯୋଗଦେଇଥିଲେ । ବନପାଳ ଶ୍ରୀନିବାସ ଦାଶ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଗହଣରେ ଅତିଥିମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ ।

# ଗଡପଦର ଠାରେ ବନ ମହୋତ୍ସବ ପାଳିତ

ଜୟପୁର:ଜୟପୁର ବ୍ଲକ ଗଡପଦର ଠାରେ ବନମହୋତ୍ସବ ପାଳିତ ହାଇଯାଇଛି । ବନଖଣ୍ଡ ଅଧିକାରି ଜଗଦିଶ ପ୍ରସାଦ ସିଂଙ୍କ ତତ୍ୱାବଧାନରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅନ୍ତର୍ଗତ ଗଡପଦର ବନ ସୁରକ୍ଷା ସମିତି ଠାରେ ୭୨ ତମ ବନ ମହୋତ୍ସବ ପାଳିତ ହୋଇଛି । ଏହି ଉତ୍ସବ ଉପଲକ୍ଷେ ଜୟପୁର ବନଖଣ୍ଡ ଅଧିକାରୀ ଶ୍ରୀ ସିଂ ଗଡପଦର ବନ ସୁରକ୍ଷା ସମିତିରେ ଥିବା ଶିବ ମନ୍ଦିର ଚାରିପଟେ ୧ ଶହ ବୃକ୍ଷରୋପଣ ସହ ଗ୍ରାମରେ ପ୍ରବେଶ ତଥା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ୧ ବର ଗଛ ଓ ଅଶ୍ୱତଥ ଗଛ ଗ୍ରାମବାସୀଙ୍କ ସହାୟତାରେ ପୁଜା ପାଠ କରି ରୋପଣ କରାଯାଇଥିଲା । ସୁସ୍ଥ ପରିବେଶ ଗଠନ ନିମନ୍ତେ ସବୁଜ ବନାନିର ଆବଶ୍ୟକତା ରହିଛି ବୋଲି ଡିଏଫଓ ଶ୍ରୀ ସିଂ ଗ୍ରାମବାସୀଙ୍କୁ ବୁଝାଇବା ସହ ଏନେଇ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଡପଦର ବନ ସୁରକ୍ଷା ସମିତିର ସଭାପତି ପ୍ରଭାକର ଭୂମିଆ, ଜୟପୁର ବନାଚଂଳ ଅଧିକାରୀ ରଶ୍ମି ରଞ୍ଜନ ସ୍ୱାଇଁ, ବନପାଳ ପ୍ରଶାନ୍ତ କୁମାର ସାମନ୍ତରାୟ ଓ ରଞ୍ଜିତା ନାୟକ, ବନରକ୍ଷୀ ଅନିଲ ଦାସ, ଗୌତମ ସ୍ୱାଇଁ ଓ ସହ ଯୋଗି ସଂସ୍ଥା ଗ୍ରାମ ବିକାଶ ସଂଗଠନ ତରଫରୁ ଦଳପତି ଆରତି ଦାସ, ଉନ୍ନୟନ ଅଧିକାରି ସିମାଚଂଳ ତ୍ରିପାଠି, ଶିବ ଶଙ୍କର ଲାମତା ପ୍ରମୁଖ ଉପସ୍ଥିତ ଥିଲେ ।

# ୫ଟି ସଚିବଙ୍କ ସମୀକ୍ଷା ବୈଠକ



ଖଣ୍ଡପଡା:ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡା ଠାରେ ଖୁବ ଶିଘ୍ର ଏକ ବହୁମୁଖୀ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା ହେବା ନେଇ ୫ଟି ସଚିବ ଭି କାର୍ତିକେୟନ ଶୁକ୍ରବାର ଅପରାହ୍ନରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ସବୁଜ ସଙ୍କେତ ଦେଇଥିବା ଜଣାପଡିଛି । ବୈଠକରେ ଖଣ୍ଡପଡା ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକ ଉପସ୍ଥିତ ରହି ସାମନ୍ତଙ୍କ ମାଟିରେ କ୍ରୀଡା ଭିତିଭୂମିର ବିକାଶ ନିମନ୍ତେ ଏକ ଇନଡୋର ଷ୍ଟାଡିୟମର ଆବଶ୍ୟକତା ଥିବା ସଂପର୍କରେ ଦାବି ଉପସ୍ଥାପନ କରିଥିଲେ । ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଶହଶହ କ୍ରୀଡା ପ୍ରେମୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ପଟ୍ଟନାୟକ ଉପସ୍ଥାପନ କରିଥିବା ଦାବି ସଂପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ୫ଟି ସଚିବ ପ୍ରତିଶୃତି ଦେଇଥିବା ଜଣାଯାଇଛି । ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଭିଡିଓ କନଫରେନ୍ସିଂ ଜରିଆରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ସହରାଚଂଳରୁ ବହୁ କ୍ରୀଡାବିତଙ୍କ ସମେତ ପୂର୍ବତନ କାଉନସିଲର ଓ ସାମାଜିକ କର୍ମୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଏ ସଂପର୍କରେ ୫ଟି ସଚିବଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି । ତେବେ ଖଣ୍ଡପଡାରେ ବହୁମୁଖୀ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଅଂଚଳବାସୀ ଓ କ୍ରୀଡାପ୍ରେମୀଙ୍କ ମଧ୍ୟରେ ନୂତନ ଆଶା ସଂଚାର ହୋଇଛି ।

# ଦେଶି ବନ୍ଧୁକ ଜବତ, ୨ ଗିରଫ

ଜୟପୁର: ଜୟପୁର ଟାଉନ ପୋଲିସ ବେଆଇନ ଭାବେ ଦେଶି ବନ୍ଧୁକ ରଖିଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି । ପୋଲିସର ସୂଚନା ଅନୁଯାୟୀ, ଜୟପୁର ଟାଉନ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଜୟନଗର ନିକଟରେ ୨ ଜଣ ବ୍ୟକ୍ତି ଦେଶି ବନ୍ଧୁକ ଧରି ଶିକାର କରି ଫେରୁଥିଲେ । ୨ ଅଭିଯୁକ୍ତ ୟୁନିକନ ନଂ ଓଡି୧୦ପି୭୧୬୮ ବାଇକରେ ଫେରୁଥିଲେ । ଟାଉନ ପୋଲିସ ସେମାନଙ୍କୁ ଦେଖି ଅଟକାଇ ଲାଇସେନ୍ସ ମାଗିଥିଲା । ସେମାନେ ପୋଲିସକୁ ବନ୍ଧୁକ ଲାଇସେନ୍ସ ଦେଖାଇ ପାରି ନଥିଲେ । ତେଣୁ, ଲାଇସେନ୍ସ ବିହିନ ବନ୍ଧୁକ ରଖିବା ଅପରାଧରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବି ସିଂପୁର ଟାଙ୍ଗନିଗୁଡାର ଡମ୍ବୁରୁ ପାଞ୍ଜିଆ ଓ ବି ସିଂପୁର କନ୍ଦୁଲଖୁଂଟିର ଶଙ୍କର କମାର । ସେମାନଙ୍କୁ ଆର୍ମସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିବା ସହ ୨ଟି ଦେଶି ବନ୍ଧୁକ ଜବତ କରିଥିବା ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

# ଅବହେଳିତ ବରବାଙ୍କ ଗ୍ରାମର ଦୁଃଖ : ଦୁଇ ସ୍ୱେଚ୍ଛାସେବୀ ସଂଗଠନ ଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର ; ପ୍ରଶାସନ ନିରବ

ବାଲେଶ୍ୱର: ବାଲେଶ୍ୱର ସହର ଠାରୁ ମାତ୍ର ୧୫ କିଲୋମିର ଦୂରରେ ଅବସ୍ଥିତ ରେମୁଣା ବ୍ଲକ ଅନ୍ତର୍ଗତ ବଡ଼ପାଳ ପଞ୍ଚାୟତର ୧ ନମ୍ବର ୱାର୍ଡ଼ ଅବହେଳିତ ବରବାଙ୍କ ଗ୍ରାମ। ପାଖାପାଖି ୬୦ ପରିବାରର ୩୦୦ ଲୋକ ବସବାସ କରୁଥିବା ଏହି ଗ୍ରାମଙ୍କୁ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଏବେ ବି ବିକାଶ ଛୁଇଁନି। ଦିର୍ଘ ଦିନ ପରେ ବି ଏଠି ପ୍ରଶାସନ ପହଞ୍ଚି ପାରି ନାହିଁ। ଏହି ଗାଁକୁ ଯିବାକୁ ରାସ୍ତା ନାହିଁ ଲୋକମାନେ ନିଜେ ଗଙ୍ଗାହାର ନଦୀ ଉପରେ ବାଉଁଶ ପୋଲ ତିଆରି କରି ଯା ଆସ କରୁଛନ୍ତି। ଏଠି ନା ଅଛି ଭଲ ବିଜୁଳି ଆଲୁଅର ବ୍ୟବସ୍ଥା, ନା ଅଛି ଭଲ ପାନୀୟ ଜଳର ବ୍ୟବସ୍ଥା, ନା ଅଛି ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା। ଦୂଷିତ ପାଣି ପିଇ ଅନେକ ସମୟରେ ଡ଼ାଇରିଆ ଓ ବିଭିନ୍ନ ମହାମାରୀ ରୋଗରେ ପିଡ଼ିତ ହେଉଛନ୍ତି। ଏଠି ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯିବା ଗାଁକୁ ସ୍ୱପ୍ନ। ଗାଁକୁ ସବୁଦିନିଆ ରାସ୍ତାର ସଂଯୋଗ ପାଇଁ ଏକ ପକ୍କା ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ନିର୍ବାଚନ ସମୟରେ ପ୍ରତିଶୃତି ମିଳେ, ହେଲେ ପୋଲ ନିର୍ମାଣ କରିବା ପାଇଁ କୌଣସି ପଦକ୍ଷେପ ନିଆ ଯାଉନାହିଁ ବୋଲି ଗ୍ରାମବସୀ ଅଭିଯୋଗ କରିଆସୁଛନ୍ତି। ଅବହେଳିତ ବରବାଙ୍କ ଗ୍ରାମବସୀଙ୍କ ଦୁଃଖ ଏବଂ ଏହି ସବୁ ଦୂରାବସ୍ଥା ସମ୍ପର୍କରେ ଶୁଣି ବାଲେଶ୍ୱରର ଦୁଇ ଅଗ୍ରଣି ସ୍ୱେଚ୍ଛା ସେବୀ ସଂଗଠନ ଗ୍ରାମବାସୀଙ୍କୁ ସହଯୋଗର ହାତ ବଢ଼ାଇଥିଲେ। ପ୍ରଥମେ ଭଏସ ଓଫ ବାଲେଶ୍ୱର ର ସଦସ୍ୟ ଅରଜିତ ଘୋଷାଲ, ସରୋଜ ସାହୁ , ଅଭିସେକ ବେହେରା ଗ୍ରାମବସୀମାନଙ୍କୁ ନେଇ ଜିଲ୍ଲା ପାଳଙ୍କୁ ଭେଟି ଏହି ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ସେବା ସଂଗଠନର ସଦସ୍ୟ କୋମଳ ଲୋଚନ ପଣ୍ଡା, ସରୋଜ ସାହୁ, ଶଶିକାନ୍ତ ବାରିକ୍, ଅଶୋକ ଦାସ, କୀର୍ତି ବିନ୍ଧାଣୀ ଏବଂ ସଂଗଠନର ଅନ୍ୟ ସଦସ୍ୟମାନେ ଗ୍ରାମବାସୀମାନଙ୍କୁ ନେଇ ଅବହେଳିତ ବରବାଙ୍କ ଗ୍ରାମର ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

# ବନମହୋତ୍ସବର ପ୍ରଥମ ସପ୍ତାହର ପ୍ରଥମ ଦିନ : ରେମୁଣା ସମ୍ବାଦିକ ୟୁନିୟନର ବୃକ୍ଷ ରୋପଣ ଓ ସଫେଇ କାର୍ଯ୍ୟକ୍ରମ ଆରମ୍ଭ




ବାଲେଶ୍ୱର :ବନ ମହୋତ୍ସବର ପ୍ରଥମ ସପ୍ତାହର ପ୍ରଥମ ଦିନରେ ରେମୁଣା ସମ୍ବାଦିକ ୟୁନିୟନ ତରଫରୁ ରେମୁଣା ବ୍ଲକ ପରିସରରେ ପ୍ରଥମେ ସଫେଇ କାର୍ଯ୍ୟ କରାଯାଇ ଅପରିଷ୍କାର ବର୍ଯ୍ୟବସ୍ତୁ ବାହାର କରାଯାଇଥିଲା। ଅନାବନା ଘାସ କଟା ଯାଇ ବ୍ଲକ ଭିତରେ ରସ୍ତାରେ ଦୁଇ ପାର୍ଶ୍ୱରେ ବର, ଅଶ୍ୱସ୍ଥ, ଅଁଳା ଓ ବଉଳ ଗଛ ଆଦି ଲଗାଯାଇଥିଲା ଏବଂ ଏହି ଗଛକୁ ବାଉଁଶ ଓ କପଡ଼ା ସାହାଯ୍ୟରେ ବାଡ଼ ତିଆରି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଛବି ରାଣୀ ସାହୁ, ଉପତହସିଲଦାର ମନୋଜ ସେନାପତି, ବ୍ଲକ ଚେୟାରମ୍ୟାନ ସୁଷାନ୍ତ ପଟ୍ଟନାୟକ, ଇମାମି ପେପର ମିଲର ବରିଷ୍ଠ ମ୍ୟାନେଞ୍ଜର ମନୋଜ କୁମାର ପାଢ଼ି, ଓମପ୍ରକାଶ ଶର୍ମା ଏବଂ ରେମୁଣା ସାମ୍ବାଦିକ ୟୁନିୟନର ସଭାପତି ଗୋବିନ୍ଦ ଚନ୍ଦ୍ର ପାଢ଼ି ସମ୍ପାଦକ ଯଦୁନାଥ ଗିରି, ଉପସଭାପତି କମଳ ଲୋଚନ ପଣ୍ଡା, ସହସମ୍ପାଦକ ଚନ୍ଦ୍ରକାନ୍ତ କର, କଷାଧକ୍ଷ ଜ୍ୟୋତିପ୍ରକାଶ ସାହୁ ଏବଂ ଉପଦେଷ୍ଟା ମଣ୍ଡଳୀର ଲୋକନାଥ ପିରୀ, ସରୋଜ କୁମାର ସାହୁ, କଞ୍ଚମଣି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଗାମୀ ଦିନରେ ସମସ୍ତ ଯୁବପିଢୀ ବୃକ୍ଷରୋପଣ ପାଇଁ ଆଗଭର ହେବା ଆବଶ୍ୟକୀୟ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ଜନସାଧାରଣଙ୍କୁ କହିଥିଲେ। ଶେଷରେ ରେମୁଣା ସାମ୍ବାଦିକ ୟୁନିୟନର ସଦସ୍ୟମାନେ ପ୍ରତି ସପ୍ତାହରେ ବୃକ୍ଷରୋପଣ କରିବା ପାଇଁ ଶପଥ ନେଇଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray